Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୬
Volum. - 21 ■ Issue No.- 26
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୧୬ ମେ' - ୨୨ ମେ' ୨୦୨୧ / 16 May - 22 May 2021 / Odia Weekly / 8 Pages / Rs.2/- only

## ଅକ୍ସିଜେନ ଓ ଔଷଧର ଉପଲବ୍ଧତା ଏବଂ ଯୋଗାଣର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

- ଔଷଧର ଉତ୍ପାଦନ ବୃଦ୍ଧି ପାଇଁ ଭାରତ ସରକାର ଉତ୍ପାଦନକାରୀଙ୍କ ସହ ନିୟମିତ ଯୋଗାଯୋଗରେ ରହୁଛନ୍ତି ଓ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି ।
- ବିଗତ କିଛି ସପ୍ତାହ ହେଲା ରେମଡେସିଭିର ସମେତ ସମସ୍ତ ଔଷଧର ଉତ୍ପାଦନ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରାଯାଇଛି ।
- ପ୍ରଥମ ଲହରିର ଶୀର୍ଷ ସଂକ୍ରମଣ ବେଳେ ଯେଉଁ ମାତ୍ରାରେ ଅକ୍ସିଜେନ ଯୋଗାଣ ହେଉଥିଲା, ଏବେ ତାହା ୩ ଗୁଣାରୁ ଅଧିକ ବୃଦ୍ଧି ପାଇଛି ।



ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଅକ୍ସିଜେନ ଓ ଔଷଧର ଉପଲବ୍ଧତା ଏବଂ ଯୋଗାଣର ସମୀକ୍ଷା ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।

କୋଭିଡ ଏବଂ ମ୍ୟୁକୋରମାଇକୋସିସର ପରିଚାଳନାରେ ବ୍ୟବହୃତ ହେଉଥିବା ଔଷଧର ଯୋଗାଣକୁ ସରକାର ସକ୍ରିୟ ଭାବେ ତଦାରଖ କରୁଥିବା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କୁ ମନ୍ତ୍ରୀ ଜଣାଇଥିଲେ ଯେ ଉତ୍ପାଦନ ବୃଦ୍ଧି ପାଇଁ ଔଷଧ ନିର୍ମାତାଙ୍କ ସହ ସେମାନେ ନିୟମିତ ଭାବେ ଯୋଗାଯୋଗରେ ରହିବା ସହ ସମସ୍ତ ଆବଶ୍ୟକ ସହାୟତା ଯୋଗାଉଛନ୍ତି । ପ୍ରତ୍ୟେକ ଔଷଧ ନିମନ୍ତେ ଏପିଆଇର ବର୍ତ୍ତମାନ ଉତ୍ପାଦନ ଓ ଭଣ୍ଡାରଣ ବାବଦରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲା । ଆବଶ୍ୟକ ପରିମାଣରେ ଔଷଧ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଗତ କିଛି ସପ୍ତାହ ହେଲା ରେମଡେସିଭିର ସମେତ ସମସ୍ତ ଔଷଧର ଉତ୍ପାଦନ ଯଥେଷ୍ଟ ମାତ୍ରାରେ ବୃଦ୍ଧି କରାଯାଇଥିବା ବାବଦରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତର ଏକ ଅତ୍ୟନ୍ତ ଉତ୍ସାହୀ ଫାର୍ମା କ୍ଷେତ୍ର ରହିଛି ଏବଂ ସେମାନଙ୍କ ସହିତ ସରକାରଙ୍କ ନିରନ୍ତର ସମନ୍ୱୟ ଦେଶରେ ସମସ୍ତ ଔଷଧର ଉପଯୁକ୍ତ ଉପଲବ୍ଧତାକୁ ସୁନିଶ୍ଚିତ କରିବ ।

ଏହାବ୍ୟତୀତ ଦେଶରେ ଅକ୍ସିଜେନର ଉପଲବ୍ଧତା ଓ ଯୋଗାଣ ସଂକ୍ରାନ୍ତରେ ମଧ୍ୟ ପ୍ରଧାନମନ୍ତ୍ରୀ ପଚାରି ବୁଝିଥିଲେ । କରୋନା ସଂକ୍ରମଣର ପ୍ରଥମ ଲହରି ବେଳେ ଯେଉଁ ମାତ୍ରାର ଅକ୍ସିଜେନ ଯୋଗାଣ ହେଉଥିଲା, ଏବେ ତାହାର ୩ ଗୁଣାରୁ ଅଧିକ ଯୋଗାଣ ହେଉଥିବା ନେଇ ଆଲୋଚନା ହୋଇଥିଲା । ଅକ୍ସିଜେନ ରେଳର ପରିଚାଳନା ଏବଂ ବାୟୁସେନା ବିମାନ ଦ୍ୱାରା ଯୋଗାଇ ଦିଆଯାଉଥିବା ସହାୟତା ବାବଦରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ଦେଶରେ ଅକ୍ସିଜେନ କନସେଣ୍ଟ୍ରେଟର, ଅକ୍ସିଜେନ ସିଲିଣ୍ଡରର ସଂଗ୍ରହଣ ସ୍ଥିତି ଓ ଦେଶବ୍ୟାପୀ ସ୍ଥାପନ ହେଉଥିବା ପିଏସଏ ପ୍ଲାଂଟଗୁଡ଼ିକର ସ୍ଥିତି ବାବଦରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।

ଏକ ସମଯୋଚିତ ଢଙ୍ଗରେ ଭେଂଟିଲେଟରଗୁଡ଼ିକର ପରିଚାଳନା ଏବଂ ଉତ୍ପାଦନକାରୀଙ୍କ ସହାୟତାରେ ବୈଷୟିକ ତଥା ତାଲିମ ସଂକ୍ରାନ୍ତ ସମସ୍ୟାର ପ୍ରତିକାର କରିବା ଲାଗି ରାଜ୍ୟଗୁଡ଼ିକୁ କୁହାଯିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

## କୋଭିଡ ପରବର୍ତ୍ତୀ ସ୍ୱାସ୍ଥ୍ୟର ଯତ୍ନ ଉପରେ ଦୃଷ୍ଟି ଦିଅନ୍ତୁ




ଭୁବନେଶ୍ୱର, (ନିପ୍ର) : କୋଭିଡରୁ ସୁସ୍ଥ ହେବା ପରେ ମଧ୍ୟ ସୁରକ୍ଷା ନିୟମର କଡ଼ାକଡ଼ି ପାଳନ କରନ୍ତୁ । ନିମ୍ନରେ ପ୍ରଦତ୍ତ ସୁରକ୍ଷା ଉପାୟର ଅନୁପାଳନ ଆପଣଙ୍କୁ ଏବଂ ଆପଣଙ୍କ ପରିବାରକୁ ସୁରକ୍ଷିତ କରିବ । ଏଥିପ୍ରତି ସଚେତନ ହୋଇ ଆସନ୍ତୁ, ଦୃଢତାର ସହ କରୋନାର ମୁକାବିଲା କରିବା । କୋଭିଡ ପରବର୍ତ୍ତୀ ସ୍ୱାସ୍ଥ୍ୟ ଯତ୍ନର ନିୟମ ଗୁଡିକ ହେଲା : କୋଭିଡ ପରବର୍ତ୍ତୀ ସ୍ୱାସ୍ଥ୍ୟର ଯତ୍ନ ସଠିକ ଭାବରେ ମାସ୍କ ପିନ୍ଧିବା ଜାରି ରଖନ୍ତୁ । ଭିଡ଼ରୁ ଦୂରେଇ ରୁହନ୍ତୁ, ସବୁ ସ୍ଥାନରେ ପରସ୍ପରଠାରୁ ୨ ମିଟର ତଥା ୬ ଫୁଟ ଦୂରତା ବଜାୟ ରଖନ୍ତୁ । ନିୟମିତ ସାବୁନରେ ଭଲଭାବରେ ହାତ ଧୁଅନ୍ତୁ । ଏଣେ ତେଣେ ଛେପଖଙ୍କାର ପକାନ୍ତୁ ନାହିଁ, ବେସିନରେ ପାଣି ଖୋଲାକରି ପକାନ୍ତୁ କିମ୍ବା ପେପର କପରେ ପକାଇ ଏହାକୁ ପୋଡ଼ି ଦିଅନ୍ତୁ । ଡାକ୍ତରଖାନାରୁ ଆରୋଗ୍ୟ ହୋଇ ଫେରିବା ପରେ ବ୍ୟବହାର କରିଥିବା ଜିନିଷ କିମ୍ବା ହୋମ୍ ଆଇସୋଲେସନ୍ ଶେଷ ହେବା ପରେ ରହୁଥିବା କୋଠରୀ ତଥା ଆସବାବପତ୍ରକୁ ବ୍ଲିଚିଂ ପାଣିରେ ବିଶୋଧିତ କରନ୍ତୁ ଏବଂ ୭୦% ଆଲକୋହଲ୍ ଥିବା ସାନିଟାଇଜରରେ ପୋଛି ସଫା କରନ୍ତୁ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି ।

ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଂଟାବାଂଜି ନିର୍ବାଚନ ମଣ୍ଡଳୀ ତଥା ବଲାଙ୍ଗିର ଜିଲ୍ଲାର ସମସ୍ତ ଚାଷୀ ଭାଇମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।







ପବିତ୍ର ଇଦ୍-ଉଲ୍ ଫିତ୍ର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁଁ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ଦ୍ୱିତୀୟ ଲହରୀର ଭୟାବହତା ଦୃଷ୍ଟିରୁ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ଆଦି କୋଭିଡର ସମସ୍ତ ନିୟମ ପାଳନ ସହିତ ପର୍ବ ପାଳନ ପାଇଁ ମୋର ନିବେଦନ ।

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା




ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ସଂପ୍ରତି କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ବିରୁଦ୍ଧରେ ଆମର ଲଢ଼େଇ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଲାଗୁ କରାଯାଇଥିବା କଟକଣା କଡ଼ାକଡ଼ି ଭାବେ ଅନୁପାଳନ କରିବା ସହିତ ସମସ୍ତେ ଧୈର୍ଯ୍ୟ, ସାହସ ଓ ଆତ୍ମବିଶ୍ୱାସର ସହ ମହାମାରୀର ମୁକାବିଲା ଦିଗରେ ସକ୍ରିୟ ସହଯୋଗ ବଜାୟ ରଖିବାକୁ ମୁଁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-07 OIPR-15001/13/0009/2122

# ଦୁଃସମୟର ଅନୁଭୂତି



ପ୍ରଣତି ବେହେରା

ଆଜିକୁ ମାସେ ତଳେ, ଏପ୍ରିଲ୍ ୧୩ରେ ଆକସ୍ମିକ ଭାବେ ହୃଦଘାତରେ ମା'(ଶାଶୁ)ଙ୍କ ଦେହାନ୍ତ ହୁଏ । ଇଏ (କବି ତ୍ରିନାଥ ସିଂ)ନିଜେ ସେତେବେଳକୁ ସାଂଘାତିକ ଅସୁସ୍ଥ । ମା'ଙ୍କ ଅଂତିମ ସଂସ୍କାରର ବିଧି ବିଧାନ ଆଦି ସଂପନ୍ନ କରିବା, ଖାଇବା ପିଇବାରେ ଅନିୟମିତତା, ପୁଣି ମା'ଙ୍କୁ ହରେଇବାର ଦୁଃଖଦ ମାନସିକତା ଭିତରେ ଆଉ ଟିକିଏ ଦେହପ୍ରତି ଅବହେଳା ଯୋଗୁଁ ଇଏ ବେଶି ବେଶି ଅସୁସ୍ଥ ହୋଇପଡିଲେ । ସାତ ଦିନ ଯାଇଥାଏ, ୟା'ଙ୍କ ସ୍ଥିତି ସାଂଘାତିକ । ନିଜେ ହିଁ କହିଲେ, ମୋତେ କୌଣସି ହସ୍ପିଟାଲରେ ଆଡମିଟ୍ କରିଦିଅ, ନହେଲେ ବହୁତ ଅସୁବିଧା ହେଇଯିବ ।

ପରିଚିତ ଏକ ଘରୋଇ ଡାକ୍ତରଖାନାରେ ଯାଇ ଡାକ୍ତରଙ୍କ ପରାମର୍ଶ ନେଲି । ଆଂଟିଜେନ୍ ଟେଷ୍ଟ୍ ରିପୋର୍ଟ୍ ନେଗେଟିଭ୍ ତ ଆସିଥାଏ । କିନ୍ତୁ ଜ୍ୱର ଛାଡୁ ନଥାଏ । ଡାକ୍ତରଙ୍କ ପରାମର୍ଶରେ ସିଟି ସ୍କାନ୍ ହେଲା । ଫୁସଫୁସ୍ ସଂକ୍ରମଣ ଚିହ୍ନଟ ହେଲା, ଯାହାକୁ କରୋନା ପଜିଟିଭ୍ କୁହାଯାଉଛି ।

"ଅକ୍ସିଜେନ୍ ସୁବିଧା କେବଳ ଆମର ଅଛି, ଭେଂଟିଲେଟର୍ ସୁବିଧା ନାହିଁ, ତେଣୁ ଏଠି ରଖିବେ କି ନାହିଁ, ନିଜେ ଡିସାଇଡ୍ କରନ୍ତୁ । ଯଦି ରଖିବାକୁ ରାଜି, ସାଇନ୍ କରନ୍ତୁ । କିନ୍ତୁ ପ୍ରସ୍ତୁତ ଥିବେ, କେତେବେଳେ ବି ସିଫ୍ଟ କରିବାକୁ ପଡିପାରେ ପେସେଣ୍ଟଙ୍କୁ ଅନ୍ୟ ହସ୍ପିଟାଲକୁ" ବୋଲି ମତେ କୁହାଗଲା । ମୋ'ର ଗୋଡ଼ ତଳୁ ମାଟି ଖସିବା ଭଳି ଅନୁଭବ କଲି ।

ମୁଁ କିଛି ବି ନିଷ୍ପତ୍ତି ନେଇ ପାରିଲିନାହିଁ । ଚାମ୍ବରରୁ ବାହାରକୁ ଆସି ଚିନ୍ତା କଲି, ରାଉରକେଲାରେ ଏତେ କୋଭିଡ ହସ୍ପିଟାଲର ସୁବିଧା ରହିଛି । ଭେଂଟିଲେଟର ସୁବିଧା ଥିବା ଗୋଟେ ହସ୍ପିଟାଲରେ ଆମେ କାହିଁକି ଆଡମିଶନ୍ ନ ନେବା । ହାଇଟେକ୍ ଯିବାର ନିଷ୍ପତ୍ତି ନେଲୁ । ସେଠି ପହଂଚିବାର କିଛି ସମୟ ପରେ ହିଁ ଜାଣିଗଲୁ, ପଜିଟିଭ୍ ରିପୋର୍ଟ ନ ଥିଲେ ସେମାନେ ଦାଖଲା ଦେବେ ନାହିଁ । ଏମିତି କି ଅକ୍ସିଜେନ୍ ସୁବିଧା ବି ଯୋଗେଇ ପାରିବେ ନାହିଁ । ଦୁଇତିନି ଘଂଟାରୁ ବେଶି ସେଠି ଆମେ ରହିପାରିଲୁ ନାହିଁ । ମୁଁ ପୁଣି ପୂର୍ବରୁ ଦେଖେଇଥିବା ଡାକ୍ତରଙ୍କ ପାଖକୁ ଯାଇ ବେଡ୍ ପାଇଁ କହିବା ବେଳକୁ ବେଡ୍ ମଧ୍ୟ ଆଉ ମିଳିଲା ନାହିଁ । ଖୁବ୍ ହତାଶା ଆଉ ନିରାଶା ଭିତରେ ଆମେ ଘରକୁ ଫେରି ଆସିଲୁ । ରାତିସାରା ଅସ୍ଥିରତା ଭିତରେ ସମସ୍ତେ ରହିଲୁ । ସକାଳୁ ମୋତେ ପାଖକୁ ଡାକି କହିଲେ, ତୁ କେମିତି ବି ଯାଇକି ସେଇ ପ୍ରଥମ ଭେଟିଥିବା ଡାକ୍ତରଙ୍କୁ ଦେଖାକର । ବେଡ୍ ଟିଏ ଯୋଗାଡ଼ କରି ମୋତେ ସେଇଠି ହିଁ ଭର୍ତ୍ତି କରିଦେ । ଦେଖିବୁ, ମୁଁ ସେଇଠି ଭଲ ହେଇଯିବି । କେହି କିଛି ଆଉ ଦ୍ୱିତୀୟ ଚିନ୍ତା କରନି । ସେ ଖୁବ୍ ଦୃଢମନରେ ଏତକ କହିଲେ ।

ୟା' ବି ହେଉ ସବୁକିଛି ଠିକ୍‌ଠାକ୍ ହେଇଗଲା । ଏପ୍ରିଲ୍ ୧୯ ତାରିଖରେ ସେ ଆଡମିଟ୍ ହେଲେ । ଯେଉଁ ଦୁଇଜଣ ଡାକ୍ତର ତାଙ୍କ ଚିକିତ୍ସା କଲେ, ସେମାନଙ୍କ ସେବା ମନୋବୃତ୍ତି ଓ ଯତ୍ନଶୀଳତା ସଂପର୍କରେ ଯେତେ ପ୍ରଶଂସା କଲେ ବି କମ୍ ହେବ । ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତା ବି ଭୁଲିବାର ନୁହେଁ । କିନ୍ତୁ ସବୁଠାରୁ ବେଶି କାମକଲା ୟା'ଙ୍କର ଦୃଢ ମନୋବଳ । ଖୁବ୍ ଶୀଘ୍ର ଚିକିତ୍ସା ତାଙ୍କ ଉପରେ ଭଲ ପ୍ରଭାବ ପକାଇବା ହେତୁ ଡାକ୍ତରମାନେ ବି ଖୁସି ହେଇଯାଇଥିଲେ । ସାତ/ଆଠ ଦିନ ପରେ ଭଲ ହେଇ ଘରକୁ ଆସିଲେ ।

ୟା' ଭିତରେ ଆମେ ସମସ୍ତେ ସଂକ୍ରମିତ ହେଇଯାଇଥିଲୁ । ଅସୁସ୍ଥତା ଭୋଗିଲୁ । ଏବେ ସୁଦ୍ଧା ଦୁର୍ବଳତା ରହିଛି, ଅସହାୟତା ବି ରହିଛି । ବ୍ୟକ୍ତିଗତ ରୋଗ, ଯନ୍ତ୍ରଣା ଭିତରେ ମା'ଙ୍କ ଶୁଦ୍ଧିକ୍ରିୟା କର୍ମରେ ବି କେହି ଆମେ ସାମିଲ୍ ହେଇପାରିଲୁନି । ବ୍ରାହ୍ମଣଙ୍କ ପରାମର୍ଶ କ୍ରମେ ଏକୋଇଶ ଦିନରେ ତିନି ବାପପୁଅଙ୍କ ମୁଣ୍ଡନ ସଂସ୍କାର ହେଲା । ଅବଢ଼ା ଆଣି ପାଇଲୁ ।

ଏବେ ବି ବିଶ୍ୱାସ ହେଉନି, ମାସକ ଭିତରେ ଯାହାସବୁ ଘଟି ଯାଇଛି, ସେସବୁ ବାସ୍ତବ ଥିଲା ନା କେବଳ ଦୁଃସ୍ୱପ୍ନ ଥିଲା ଆମ ପାଇଁ !

●

......ରାଉରକେଲା

## ସଂପାଦକୀୟ

### ଏଭଳି ମହାମାରୀ ସଂକ୍ରମଣ କାଳରେ ପୋଲିସର କଡ଼ାକଡ଼ି ପଦକ୍ଷେପ ନିହାତି ସ୍ୱାଗତଯୋଗ୍ୟ

ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ସମୟରେ ପୋଲିସ ପକ୍ଷରୁ ଚାଲିଥିବା କଡ଼ାକଡ଼ି ଯାଂଚ ପ୍ରତି କିଛି ଲୋକେ କ୍ଷୋଭ ପ୍ରକାଶ କରୁଥିବା ବେଳେ ପରିସ୍ଥିତି ଅନୁସାରେ ଏହା ନିହାତି ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । କରୋନା ସଂକ୍ରମଣର ଦ୍ୱିତୀୟ ଲହର ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ବେଳେ ଅନେକ ନିରୀହ ପ୍ରାଣ ସାଉଁଟି ନେଉଛି । ଏଭଳି ସମୟରେ ଅଯଥାରେ ଘରୁ ବାହାରି ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ନିୟମକୁ ଉଲଂଘନ କରୁଥିବା ଅମାନିଆଙ୍କୁ ଆକଟ କରିବା ପାଇଁ ପୋଲିସର ଏତାଦୃଶ ପଦକ୍ଷେପ ଗ୍ରହଣଯୋଗ୍ୟ ବୋଲି କୁହାଯାଇଛି । ସଟ୍‌ଡାଉନ୍ କାଳରେ ମେଡ଼ିକାଲ ଆଦି ଜରୁରୀ କାର୍ଯ୍ୟରେ ବାହାରକୁ ବାହାରୁଥିବା ବ୍ୟକ୍ତିମାନେ ଉଚିତ ପ୍ରମାଣ ପ୍ରଦାନ କଲେ ପୋଲିସ ପକ୍ଷରୁ ଅନୁମତି ପ୍ରଦାନ କରାଯାଉଥିବା ବି ନଜରକୁ ଆସୁଛି । ତେବେ ମହାମାରୀ କରୋନା ସଂକ୍ରମଣ ସମୟରେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଲକ୍‌ଡାଉନ୍, ସଟ୍‌ଡାଉନ୍ ତଥା ନାଇଟ୍ କର୍ଫ୍ୟୁକୁ ପାଳନ କରିବା ସହ ସରକାରୀ ଗାଇଡ୍ ଲାଇନ୍‌କୁ ମାନି ଚଳିବା ଦ୍ୱାରା ନିଜକୁ ସୁରକ୍ଷିତ ରଖିବା ସଂଗେ ସଂଗେ ମାନବ ସମାଜକୁ ସୁରକ୍ଷିତ ରଖାଯାଇ ପାରିବ । ଏଦିଗରେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ।

ଆମକୁ ମନେ ରଖିବାକୁ ହେବ, ଅତ୍ୟନ୍ତ ଜରୁରୀ ନ ହେଲେ ଘରୁ ବାହାରିବା ନାହିଁ । ସବୁବେଳେ ମାସ୍କ ପରିଧାନ କରିବା ସହ ବାରମ୍ବାର ହାତ ଧୋଇବା । ସାମାଜିକ ଦୂରତା ରକ୍ଷା କରିବା ଏବଂ ସାନିଟାଇଜର ବ୍ୟବହାର କରିବା । କରୋନା ସଂକ୍ରମଣର କୌଣସି ବି ଲକ୍ଷଣ ଅନୁଭୂତ ହେଲେ ତୁରନ୍ତ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା । ଏହା ଦ୍ୱାରା ହିଁ କରୋନାଠୁ ନିଜକୁ ସୁରକ୍ଷିତ ରଖାଯାଇ ପାରିବ । ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ ।

## ଏଛିନ୍ ବି କରୋନା ବାହାଁ ପେସ୍‌ରେଇ ମଝା ଖୁଲି ଠାଡ୍ ହେଇଛେ : ଲକ୍‌ଡାଉନ୍ ସଟ୍‌ଡାଉନ୍ କେ ମାନି କରି ଚଲୁନ୍



ଏଛିନ୍ ବି କରୋନା ବାହାଁ ପେସ୍‌ରେଇ ମଝା ଖୁଲି ଠାଡ୍ ହେଇଛେ । ଆର୍ ଆର୍ ଲହିଁକୁଛେ ଇଥିତାହିଁ । ବଡ଼ା ଲିହିବିହି କରିଦେଲାନ' ମୁନୁଷ୍ ସମାଜ୍ କେ । କେତେଟେ ଦମ୍‌ଦାର୍ ଲୋକ୍‌କୁ ବି ସାଆଁଟି ନେଲାନ' ନିଠୁର୍ କରୋନା । ଏନ୍ତା ସମିଆଁ ଥି ହେଲୁଆ ନେଇଁ ହଉନ୍ । ଅଁଠିପହର୍ ସରକାର୍ ମାନିଗୁନି କରି ଥାବେ ରହେବାର୍ କେ କହୁଛନ୍ । ଲକ୍‌ଡାଉନ୍ ସଟ୍‌ଡାଉନ୍ ବି ଜାରି କରିଛନ୍ । ନିହାତି ଦରକାର୍ ନେଇଁ ପଡ଼୍‌ଲେ, ଘରୁ ନେଇଁ ବାହାରୁନ୍ । ସବୁବେଳେ ମୁହେଁ ମାସ୍କ ଲଗଉନ୍, ସାନିଟାଇଜର୍ ବେଭାର୍ କରୁନ୍, ଘାଏକେ ଘଡ଼େକେ ହାତ୍ ଧୁଉନ୍ । ଭିଡ଼୍‌ଭାଡ଼୍ ଠାନ୍‌କେ ନିସ୍‌ପତି ନେଇଁ ଯଉନ୍ । ଇ'ସବୁ କଥାକେ ମାନି କରି ଚଲ୍‌ଲେ, କରୋନାର୍ ବପ୍ଫୁ ଭାଙ୍ଗବା । ଇଥିତାହିଁ ଲହିଁକିବାର୍ ଛାଡ଼୍‌ବା ।

ଇ'ଘଡ଼ି କେନେ କେନ୍ତା ବିହା ବରପନ୍ ଚାଲିଛେ । ମେଲା ହକ୍‌ଲା କବାର୍ କମ୍ ବି ଜାରି ରହିଛେ । ଇସବୁ କବାର୍ ଥି ଲୋକ୍‌ବାକ୍ ଠୁଲେଇ କରି ବିପଦ୍ କେ ନେଇଁ ମୁଡ଼ଉନ୍ । ସରକାରୀ ଗାଇଡ୍ ଲାଇନ୍ ଅନୁସାରେ ସବୁ କବାର୍ କରୁନ୍ । ମୁନୁଷ୍ ସମାଜ୍ ଆଏଜ୍ କରୋନା ଥି କଲ୍‌ବଲ୍ ହେଇଗଲାନ' । ମୁନୁଷ୍ ସମାଜ୍ କେ ବଁଚାବାର୍ ଲାଗି ସମ୍‌କର୍ ସହଯୋଗ୍ ଦରକାର୍ ।

ଆମର୍ ଦେଶ୍ ଥି ଟିକେ ଟିକେ କମି ଆସୁଛେ ଏଛିନ୍ ସଂକ୍ରମଣ ସଂଖ୍ୟା । ମାତର୍‌କ' ଆମର୍ ରାଏଜ୍ ଥି ହେନ୍ତା ଏକା ରହିଛେ । ଗଲା କେତେ ଦିନ୍ ହେଲା ଫି' ଦିନ୍ ଦଶ ହଜାର୍ ଉପର୍ କେ ଛୁଟୁଛେ ସଂକ୍ରମଣ ସଂଖ୍ୟା । ପଶ୍ଚିମ ଓଡ଼ିଶା ଥି ବି ବନେ ପାହା ପେସ୍‌ରେଇଛେ କରୋନା । ଏନ୍ତା ସମିଆଁ ଥି ମନ୍ କେ ଜବର୍ କରି ସରକାରୀ ନିଅମ୍ କାନୁନ୍ କେ ମାନିଗୁନି କରି ଚଲ୍‌ବା ପଡ଼୍‌ବା । କରୋନା କେ ହରାବାର୍ କେ ପଡ଼୍‌ବା ।

ସବୁ କଥାକେ ହେଜି କରି, ସବୁ ଆଡ଼କେ ଠଅଁକେଇ କରି, ଆଗକେ ପଛକେ ନିଘା କରି ଘର୍ ପରିବାର୍ କେ ସଁଭାଲି ରଖି ପାରଲେ ଯାଏ ଆଏବାର୍ ସମିଆଁ ଆମ୍‌କୁ ସୁଆଁଲିବା । ଜାନି ଥାଉନ୍, ହେଲୁଆ ହେଲେ ହେବ୍‌ଲେଇ ଦେସି ସମିଆଁ ।

# ଭାରତର କୋଭିଡ-୧୯ ପରିସ୍ଥିତି ଚିନ୍ତାଜନକ : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମୁଖ୍ୟ

ଜାତିସଂଘ : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ମୁଖ୍ୟ ଟେଡ୍ରୋସ୍ ଆଦନୋମ ଗେବ୍ରେୟସ୍ ଶୁକ୍ରବାର ଦିନ କହିଛନ୍ତି ଯେ, ଭାରତର କୋଭିଡ -୧୯ ପରିସ୍ଥିତି ଚିନ୍ତାଜନକ ଅଟେ, ଯେଉଁଠାରେ ଅନେକ ରାଜ୍ୟରେ ବହୁଳ ପରିମାଣରେ ସଂକ୍ରମଣର ରିପୋର୍ଟ ହୋଇଛି । ଲୋକମାନେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଅଧିକ ମୃତ୍ୟୁ ମଧ୍ୟ ଘଟିଛି । ମହାମାରୀର ଦ୍ୱିତୀୟ ବର୍ଷ ପ୍ରଥମ ବର୍ଷ ଅପେକ୍ଷା ବିଶ୍ୱ ପାଇଁ ଅଧିକ ମାରାତ୍ମକ ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

ଗେବ୍ରେଏସ୍ କହିଛନ୍ତି ଯେ, ଭାରତକୁ କୋଭିଡ-୧୯ର ବଢୁଥିବା ମାମଲାର ମୁକାବିଲା କରିବାରେ ସାହାଯ୍ୟ କରୁଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅସ୍ଥାୟୀ ତଥା ମୋବାଇଲ୍ ଡାକ୍ତରଖାନାକୁ ହଜାର ହଜାର ଅମ୍ଳଜାନ ଏକାଗ୍ରତା, ତମ୍ବୁ, ମାସ୍କ ଏବଂ ଅନ୍ୟାନ୍ୟ ଚିକିତ୍ସା ସାମଗ୍ରୀ ଯୋଗାଉଛି । ବିଶ୍ୱର ମହାନିର୍ଦ୍ଦେଶକ ଏକ ଦୈନିକ ଗଣମାଧ୍ୟମ ସହ କଥାବାର୍ତ୍ତା କରି କହିଛନ୍ତି ଯେ, ଭାରତରେ ପରିସ୍ଥିତି ଚିନ୍ତାଜନକ ହୋଇପଡିଛି । ଅନେକ ରାଜ୍ୟରେ ଚିନ୍ତା ବଢ଼ିବା ସହ ଡାକ୍ତରଖାନାରେ ଭର୍ତ୍ତି ହେବା ମାମଲା ସହ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି ।

## ମହାମାରୀ କରୋନାର ବିଭତ୍ସ ତାଣ୍ଡବ ବେଳେ ମାଡ଼ି ଆସୁଛି ଭୀଷଣ ସାମୁଦ୍ରିକ ଝଡ 'ତୌକତେ'

ନୂଆଦିଲ୍ଲୀ : ମହାମାରୀ କରୋନାର ବିଭତ୍ସ ତାଣ୍ଡବ ବେଳେ ମାଡ଼ି ଆସୁଛି ବାତ୍ୟା । ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ତୌକତେ ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇଛି । ଏହା ଘଂଟା ପ୍ରତି ୧୩ କିଲୋମିଟର ବେଗରେ ଉତ୍ତର ଦିଗରେ ଗତି କରୁଛି ଓ ଶନିବାର ଦିନ ସାଢେ ୧୧ଟା ସୁଦ୍ଧା ଏହା ଗୋଆଠାରୁ ୨୯୦ କିଲୋମିଟର ଦକ୍ଷିଣ-ପଶ୍ଚିମ ଦିଗରେ, ମୁମ୍ବାଇଠାରୁ ୬୫୦ କିଲୋମିଟର ଦକ୍ଷିଣ, ଦକ୍ଷିଣ-ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇ ରହିଥିବା କୁହାଯାଇଛି । ଏହା ଶନିବାର ମଧ୍ୟରାତ୍ରି ସୁଦ୍ଧା ଅତି ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଏହା ଆସନ୍ତା ୧୮ ତାରିଖ ସକାଳେ ଗୁଜୁରାଟ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି ।

ଏହି ବାତ୍ୟା ପ୍ରଭାବରେ ଗୋଆ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଦକ୍ଷିଣ କୋଙ୍କଣ, ଉପକୂଳ ମହାରାଷ୍ଟ୍ରରେ ଇତି ମଧ୍ୟରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି । ବାତ୍ୟା ସମୟରେ ପବନର ବେଗ ଘଂଟାପ୍ରତି ୧୫୦ରୁ ୧୬୦ କିଲୋମିଟର ଓ କେତେକ ସମୟରେ ଏହା ୧୭୫ କିଲୋମିଟର ଟପିପାରେ ଓ ସମୁଦ୍ରରେ ବଡ଼ ବଡ଼ ଲହରି ଉଠିପାରେ ବୋଲି କୁହାଯାଇଛି । ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରିଦିଆ ଯାଇଛି ।

ସଚେତନତା ତଥା ସମୟୋଚିତ ପଦକ୍ଷେପ ଦ୍ୱାରା କରୋନାକୁ ପରାସ୍ତ କରାଯାଇ ପାରିବ । କରୋନା ସଂକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଯେଉଁସବୁ ନିୟମ ରହିଛି, ତାହାକୁ ପାଳନ କଲେ, କରୋନା ପାଖ ମାଡ଼ିବ ନାହିଁ । ବାରମ୍ବାର ହାତ ଧୋଇବା, ମୁହଁରେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ସାନିଟାଇଜର୍ ବ୍ୟବହାର କରିବା ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ସବୁଠାରୁ ବେଶୀ ଜରୁରୀ ହେଲା, ନିହାତି ଦରକାର ନ ହେଲେ ଘରୁ ନ ବାହାରିବା । ଯେମିତି ସମ୍ଭବ ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ । - ଜଣେ ଶୁଭେଚ୍ଛୁ

## ମାରୱାଡି ଯୁବା ମଂଚ ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଉଦଘାଟିତ



ତୁଷୁରା, (ନିପ୍ର) : କରୋନା ମହାମାରୀକୁ ନେଇ ସାରା ରାଜ୍ୟରେ ଆତଙ୍କିତ ଅବସ୍ଥାରେ ଲୋକେ ରହୁଛନ୍ତି । ଅନେକ ଲୋକେ ଅକ୍ସିଜେନ ନପାଇବାରୁ ମୃତ୍ୟୁବରଣ ମଧ୍ୟ କରୁଛନ୍ତି । ତେବେ ଏଭଳି ପରିସ୍ଥିତିରେ ଆଗେଇ ଆସିଛି ବଲାଙ୍ଗିର ଜିଲ୍ଲା ତୁଷୁରା ମାରୱାଡି ଯୁବା ମଂଚ । ସ୍ଥାନୀୟ ଜୈନ ଭବନରେ ଅକ୍ସିଜେନ ବ୍ୟାଙ୍କକୁ କେନ୍ଦ୍ରକୁ ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ମାରୱାଡି ଯୁବାମଂଚର ସଭାପତି ଅମିତ ଜୈନଙ୍କ ସଭାପତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଶିଳ୍ପପତି ଦୀନଦୟାଲ କେଡିଆ ମଂଚ ପରିଚାଳନା କରିଥିବା ବେଳେ ତୁଷୁରା ସାମ୍ବାଦିକ ସଂଘର ସଭାପତି ମନୋଜ ଜୈନ, ବିରେନ୍ଦ୍ର ଜୈନ, ଗଣେଶ ଅଗ୍ରୱାଲ, ଅରହମ ଜୈନ ଆଦି ଉପସ୍ଥିତ ଥିଲେ । ସଂପାଦକ ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଓ ଟାୱାର ଅଛି, ହେଲେ କାମରେ ଆସୁନି : ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବୀ

କନ୍ଧମାଳ, (ନିପ୍ର) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ କେଳାପଡା ପଂଚାୟତ ବୈରିକୁମାଠାରେ ଜିଓ ଟାୱାର ବସିବାର ଦୀର୍ଘ ପାଂଚ ବର୍ଷରୁ ଉର୍ଦ୍ଧ ଦିନ ବିତି ଯାଇଥିଲେ ମଧ କାର୍ଯ୍ୟକ୍ଷମ ହୋଇ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଫଳରେ ଜନସାଧାରଣ ନେଟୱାର୍କ ସମସ୍ୟାକୁ ନେଇ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ଏହି ଅଂଚଳରେ ବିଏସଏନଏଲ ଟାୱାର ସାତ ସପନ ହୋଇଥିବା ବେଳେ ଜିଓ ହିଁ ସାହା ଭରସା ଥିବା ବେଳେ ଅଦ୍ୟାବଧି ସୁଦ୍ଧା କାର୍ଯ୍ୟକ୍ଷମ ହୋଇନଥିବା ଯୋଗୁଁ ଏହି ଅଂଳର ଛାତ୍ରଛାତ୍ରୀମାନେ ଅନଲାଇନରେ ପାଠପଢ଼ିବାରୁ ବଂଚିତ ହେବା ସହ ଅନଲାଇନରେ ହେଉଥିବା ବିଭିନ୍ନ କାର୍ଯ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା କହିଛନ୍ତି । ଆଖପାଖ ଅଂଚଳ ଅପେକ୍ଷା ଏହି ଅଂଚଳଟି ଏକ ଅପହଂଚ ଇଲାକା ହୋଇଥିବାରୁ ଏହା ଏକ ସମସ୍ୟା ଘେରରେ ରହିଛି । ବିଶେଷ କରି ଜରୁରୀକାଳୀନ ପରିସ୍ଥିତି ସମୟରେ ଆମ୍ବୁଲାନ୍ସ କିମ୍ବା ଦମକଳ ବାହିନୀ ସହ ଯୋଗାଯୋଗ କରିବା ଅସମ୍ଭବ ହୋଇ ପଡୁଛି ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଏହି ଗ୍ରାମରେ ଜିଓ ନେଟୱାର୍କ ସ୍ଥାପନ ହୋଇ ପାରିଲେ ଆଖପାଖ କେଳାପଡ଼ା, ଭୃଙ୍ଗିଯୋଡି ଭଳି ବିଭିନ୍ନ ଗ୍ରାମର ଶତାଧିକ ପଂଚାୟତ ବାସୀ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଇଛି । ଏଣୁ ଏହି ଅଂଚଳ ପ୍ରତି ତୁରନ୍ତ ଜିଓ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସ୍ଥାପିତ ହୋଇଥିବା ନେଟୱାର୍କକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଂଚଳବାସୀ ଦାବୀ କରିଛନ୍ତି ।



## ଗାନ୍ଧୀବାଦୀ ପ୍ରଫୁଲ ନାଏକଙ୍କ ସ୍ମୃତିସଭା ଅନୁଷ୍ଠିତ



ଡେଲାଙ୍ଗ, (ନିପ୍ର) : ବେରବୋଇ ଗାନ୍ଧୀ ସ୍ମାରକୀ ସମିତିର କର୍ଣ୍ଣଧାର, ଗାନ୍ଧୀଚିନ୍ତକ ସ୍ୱର୍ଗତ ବେରବୋଇ ଗ୍ରାମର ପ୍ରଫୁଲ ନାଏକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗାନ୍ଧୀ ପୀଠରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ଗାନ୍ଧୀ ସ୍ମାରକୀ ସମିତିର ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିଲେ ।

ପ୍ରଥମେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବିଶେଷ କରି ଦିବଂଗତ ନାଏକଙ୍କର ଗାନ୍ଧୀପୀଠ ପ୍ରତି ଅବଦାନ, ସେ ବହୁମୁଖୀ ପ୍ରତିଭା ଥିଲେ ବୋଲି ସବେଶ୍ୱର ବରେଇ, ବଲ୍ଲଭ ବିଶ୍ୱାଳ, ଅମରେନ୍ଦ୍ର ବାରିକ, ଭାଗିରଥି ପରିଡା, ଅନାମ ମଲିକ, ଅଭୟ ଚରଣ ସାହୁ, କ୍ଷେତ୍ରବାସୀ ଆଲୁକ, ସୁବନ୍ତ ବେହେରା ପ୍ରମୁଖ ଯୋଗଦେଇ ଦିବଗଂତ ଶ୍ରୀ ନାଏକଙ୍କର ସ୍ମୃତି ଚାରଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଟୀକାକରଣ କେନ୍ଦ୍ରରେ ଆସନ୍ତା ୧୭ ତାରିଖରେ ୪୫ ତଥା ତଦୁର୍ଦ୍ଧ୍ୱ ବୟସର ହିତାଧିକାରୀଙ୍କୁ ଟୀକାକରଣ




ସୁବର୍ଣ୍ଣପୁର, (ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜିଲ୍ଲାରେ କେବଳ ଦ୍ୱିତୀୟ ଡୋଜ ନେବାକୁ ଥିବା ୪୫ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ହିତାଧିକାରୀ, ଯେଉଁମାନେ ପ୍ରଥମ ଡୋଜ ଟୀକା ନେବାର ୮୪ ଦିନ ସମ୍ପୂର୍ଣ୍ଣ ହୋଇସାରିଥିବ, ତଥା ଏଚସିଡବ୍ଲୁ ଓ ଏଫଏଡବ୍ଲୁ ହିତାଧିକାରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅନ୍ତର୍ଗତ ଚକ୍ଷୁ ଚିକିତ୍ସାଳୟରେ ବ୍ୟବସ୍ଥିତ ଟୀକା କେନ୍ଦ୍ରରେ ଆସନ୍ତା ତା. ୧୭/୦୫/୨୧ ସୋମବାର ଦିନ ଟୀକାପ୍ରଦାନ କରାଯିବ । ପୁନଶ୍ଚ ଉକ୍ତ ଦିନ ଟୀକାର ତତ୍କାଳ ମହଜୁଦକୁ ଦୃଷ୍ଟିରେ ରଖି ସକାଳ ୮ ଘଂଟାରୁ ୯ ଘଂଟା ମଧ୍ୟରେ ୪୫ ବର୍ଷରୁ ଅଧିକଙ୍କୁ ପ୍ରଥମ ଡୋଜ ଟୀକାକରଣ ପାଇଁ ମୁଖ୍ୟ ଚିକିତ୍ସାଳୟ ଟୀକାକେନ୍ଦ୍ର ଠାରେ ବ୍ୟକ୍ତିଗତ ଟୋକନ ପ୍ରଦାନ କରାଯିବ । ଯେଉଁମାନେ ଟୋକନ ସଂଗ୍ରହ କରିଥିବେ ସେମାନେ କେବଳ ନିର୍ଦ୍ଧାରିତ ସମୟରେ ଉଦ୍ଦିଷ୍ଟ ଟୀକାକରଣ କେନ୍ଦ୍ରକୁ ପହଂଚି ଟୀକା ଗ୍ରହଣ କରିବେ । ବିନା କୌଣସି ସୂଚନାରେ ଟୀକାକେନ୍ଦ୍ରକୁ ଯାଇ ହଇରାଣ ନ ହେବା କିମ୍ବା କେନ୍ଦ୍ରରେ ଅଯଥାରେ ଭିଡ଼ ନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଅନୁରୋଧ କରାଯିବା ସହ ଯେତେବେଳେ ଯାହାର ପାଳି ଆସୁଛି ସେମାନେ କେବଳ କେନ୍ଦ୍ରକୁ ଆସିବାକୁ ପରାମର୍ଶ ଦିଆଯାଉଛି । ଏହି ଟୀକାକରଣ ସକାଳ ୦୮ରୁ ଅପରାହ୍ନ ୧୨ ଘଂଟା ଓ ଅପରାହ୍ନ ୩ରୁ ସନ୍ଧ୍ୟା ୬ ଘଂଟା ପର୍ଯ୍ୟନ୍ତ ଚାଲୁ ରହିବ ।

## ମରୁଆଁ ପଂଚାୟତରେ ଆବାସ ବଂଟନରେ 'ତେଲିଆ ମୁଣ୍ଡରେ ତେଲ' ଅଭିଯୋଗ : ଗରିବ ଆଦିବାସୀ ବନ୍ତ ମିର୍ଦ୍ଧାଙ୍କୁ ମିଳୁନି ଆବାସ ଯୋଜନାରେ ଘର



ପାଟଣାଗଡ଼, (ନିପ୍ର) : ସରକାର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାର ପ୍ରୟାସ କରୁଥିବା ବେଳେ ପ୍ରକୃତ ହିତାଧିକାରୀ ଯୋଜନାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି । ଅଭିଯୋଗ ଅନୁଯାୟୀ ପାଟଣାଗଡ଼ ବ୍ଲକ ମରୁଆ ପଂଚାୟତ ଝୁଲେନବର ଗ୍ରାମ ବନ୍ତ ମିର୍ଦ୍ଧା ଜଣେ ଗରିବ ଆଦିବାସୀ । ସେ ଝାଟିମାଟି କୁଡ଼ିଆରେ ରହୁଥିବା ଦେଖିବାକୁ ମିଳିଛି । ବନ୍ତ ଜଣେ ବିପିଏଲ ହିତାଧିକାରୀ । ସେ ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ତାଙ୍କର ପରିବାର ୫ ଜଣ ସଦସ୍ୟ । ଗୋଟିଏ ବଖରା ଘରେ ସମସ୍ତେ ରହନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ବହୁ ବାର ଜନପ୍ରତିନିଧିଙ୍କୁ ଗୁହାରି କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ବନ୍ତ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ୨୦୧୧ ମସିହାରେ ହୋଇଥିବା ସାମାଜିକ ଅର୍ଥନୈତିକ ସର୍ଭେ ଅନୁଯାୟୀ ଆବାସ ଯୋଜନାରେ ଘର ପାଇବା ଯୋଗ୍ୟ ହିତାଧିକାରୀ ହୋଇଥିଲେ ସୁଦ୍ଧା ବନ୍ତଙ୍କୁ ମିଳୁନି ଘର । ଅନ୍ୟ ପକ୍ଷରେ ପଂଚାୟତରେ ଅନେକ ଧନୀକ ଶ୍ରେଣୀର ଲୋକେ ଉତ୍‌କୋଚ ଦେଇ ଘର ହାତେଇ ଥିବା ଜଣାପଡିଛି । ବନ୍ତଙ୍କ ଭଳି ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଂଚିତ ହେଉଥିବା ବେଳେ ପଂଚାୟତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ଅଧିକାରୀ ବନ୍ତଙ୍କ ଉପରେ ନଜର ନ ପଡ଼ିବା ପରିତାପର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି । ମରୁଆଁ ପଂଚାୟତ ଆବାସ ବଂଟନରେ ଅର୍ଥଶ୍ରାଦ୍ଧ ହେଉଥିବା ହେତୁ ଧନୀ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଉଥିବା ବେଳେ ଗରିବ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଯୋଜନା ସାତ ସପନ । ଗରିବ ବନ୍ତ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଦାବୀ ହେଉଛି ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ପୁଇଁନ୍ତଲା, (ନିପ୍ର) : ପୁଇଁନ୍ତଲା ବ୍ଲକ ମଲମୁଣ୍ଡା ଗ୍ରା.ପ. ଅନ୍ତର୍ଗତ କୁର୍ଲୁପାଲି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ସାହୁଙ୍କ ଆଜି ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ହେଉଥିଲା । ମୃତ୍ୟୁ ସମୟରେ ତାଙ୍କ ଜ୍ୟେଷ୍ଠ ପୁତ୍ର ବିଶିଷ୍ଟ କଂଗ୍ରେସ ନେତା ଉମାକାନ୍ତ ସାହୁ, କନିଷ୍ଠ ପୁତ୍ର ବ୍ଲକ କର୍ମଚାରୀ ସୁଶାନ୍ତ ସାହୁ, ୫ ଝିଅ ଓ ଜ୍ୱାଇଁ, ସାନନ୍ଦ କୁମାର ସାହୁ, ଅକୃର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ଜ୍ୟେଷ୍ଠ ପୁତ୍ର ଉମାକାନ୍ତ ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ସାହୁ ଜଣେ ଆଦର୍ଶ ଶିକ୍ଷକ ଥିଲେ ଓ ପରୋପକାରୀ ବ୍ୟକ୍ତି ଭାବରେ ଅଂଚଳରେ ବେଶ୍ ଜଣାଶୁଣା ଥିଲେ । କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ସ୍ୱଳ୍ପ ସଂପର୍କୀୟ ଓ ବନ୍ଧୁବର୍ଗଙ୍କୁ ନେଇ ଶବଦାହ କରାଯାଇଥିଲା । ତାଙ୍କ ବିୟୋଗରେ ଅଂଚଳରେ ତଥା ତାଙ୍କ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୋକର ଛାୟ ଖେଳିଯାଇଛି ।

## ପୁଣି କରୋନା ନେଲା ଆଉ ଜଣେ ସାମ୍ବାଦିକଙ୍କ ଜୀବନ : ସାମ୍ବାଦିକ ବିଷ୍ଣୁ ପ୍ରସାଦ ପାତ୍ରଙ୍କ ପରଲୋକ



ବ୍ରହ୍ମପୁର, (ନିପ୍ର) : ସାମ୍ବାଦିକ ବିଷ୍ଣୁ ପ୍ରସାଦ ପାତ୍ରଙ୍କ ପରଲୋକ ହୋଇଥିବା ଜଣାପଡିଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୨ ବର୍ଷ ହେଉଥିଲା । ସେ ଓଡ଼ିଶା ଭାସ୍କର/କଳିଙ୍ଗ ଦର୍ପଣରେ କାର୍ଯ୍ୟରତ ଥିଲେ । କରୋନାରେ ସଂକ୍ରମିତ ହୋଇ ସ୍ୱର୍ଗତ ପାତ୍ର ବ୍ରହ୍ମପୁର ସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ବିଧିର ବିଧାନ ସମ୍ମୁଖରେ ଚିକିତ୍ସା ଫେଲ୍ ମାରିଲା । ଶେଷରେ ତାଙ୍କର ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଶୋକ ପ୍ରକାଶ ପାଇଛି ।

## ଅମ୍ଳଜାନ ସିଲିଣ୍ଡର ପହଂଚାଇଲା ମାହେଶ୍ୱରୀ ସଂଗଠନ

ବଲାଙ୍ଗିର, (ନିପ୍ର) : ମାହେଶ୍ୱରୀ ସଂଗଠନ ସବୁବେଳେ ନିଜ ଅଂଚଳର ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ତତ୍ପର । କରୋନା ମହାମାରୀ ସମୟରେ ଯେତେବେଳେ ସାଧାରଣ ଜ୍ୱର ହେଉଥିବା ଜାଣି ମଧ୍ୟ ବନ୍ଧୁ ପରିଜନ ପାଖ ମାଡୁ ନାହାନ୍ତି, ଏହିପରି ସମୟରେ ମାହେଶ୍ୱରୀ ସଂଗଠନର ସଦସ୍ୟମାନେ ବଲାଙ୍ଗିର ସହର ନିକଟସ୍ଥ ମଲମୁଣ୍ଡା ଗ୍ରାମର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଥିଲେ । କିନ୍ତୁ ହଠାତ୍ ଅମ୍ଳଜାନ ସ୍ତର ଅତ୍ୟନ୍ତ ତଳକୁ ଖସି ମୁମୂର୍ଷୁ ଅବସ୍ଥାରେ ଥିବା ଜାଣି ମାହେଶ୍ୱରୀ ସଂଗଠନର ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡିଆ, ସଭାପତି ଶୋଭନ କୁମାର ଅଗ୍ରୱାଲ, ସଂଯୋଜକ ପ୍ରୀତିଶ କୁମାର ସାହୁ, ସାହିଲ ସିଂହ ଗଡତ୍ୟା ଅମ୍ଳଜାନ ସିଲିଣ୍ଡର ପହଂଚାଇ ତାଙ୍କ ଅମ୍ଳଜାନ ସ୍ତରକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବାରେ ପ୍ରଚେଷ୍ଟା କରିଥିଲେ । ଯେଉଁଥିରେ ବ୍ୟକ୍ତି ଜଣଙ୍କୁ ନିଶ୍ୱାସ ପ୍ରଶ୍ୱାସ ଜନିତ କଷ୍ଟରୁ ମୁକ୍ତି ମିଳିଛି । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି ।

# ଆରମ୍ଭ ହେଲା ବଣିକ ସଂଘର ଅକ୍ସିଜେନ ବ୍ୟାଙ୍କ : ନରସିଂହ କଲେ ଲୋକାର୍ପିତ




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ବିଧାୟକ ନରସିଂହ ମିଶ୍ରଙ୍କ ଅନୁରୋଧ କ୍ରମେ ବଲାଙ୍ଗିର ବଣିକ ସଂଘ ଏକ ଅକ୍ସିଜେନ ବ୍ୟାଙ୍କ ଆରମ୍ଭ କରିଛି । ଏହି ବ୍ୟାଙ୍କକୁ ପ୍ରଥମେ ୧୯ଗୋଟି ସିଲିଣ୍ଡରରୁ ଆରମ୍ଭ କରାଯାଇଥିବା ବେଳେ ଆଗକୁ ସଂଗଠନ ତରଫରୁ ଆମ୍ବୁଲାନ୍ସ ସେବା ମଧ ଯୋଗାଇ ଦିଆଯିବ ବୋଲି ସଂଘ କହିଛି । ଘରେ ରହି ଚିକିତ୍ସିତ ହେଉଥିବା ବଲାଙ୍ଗିରବାସୀ ଆବଶ୍ୟକ ସ୍ଥଳେ ବଣିକ ସଂଘକୁ ଯୋଗାଯୋଗ କରି ଏହି ଅକ୍ସିଜେନ ସିଲିଣ୍ଡର ପାଇ ପାରିବେ ବୋଲି ସଂଘ ପ୍ରକାଶ କରିଛି ।

ରବିବାର ଦିନ ସ୍ଥାନୀୟ ସାମ୍ବାଦିକ ଭବନରେ ବଲାଙ୍ଗିର ବଣିକ ସଂଘର ସଭାପତି ତ୍ରିପୁରାରୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲୋକାର୍ପଣ କାର୍ଯ୍ୟକ୍ରମରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏହି ଅକ୍ସିଜେନ ବ୍ୟାଙ୍କକୁ ବିଧିବଦ୍ଧ ଭାବେ ଉଦଘାଟନ କରିବା ସହ ବଲାଙ୍ଗିରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ବଲାଙ୍ଗିରରେ ପ୍ରତ୍ୟହ ଶହ ଶହ ଲୋକ କରେନାରେ ସଂକ୍ରମିତ ହେଉଥିବା ବେଳେ ତାଙ୍କର ଚିକିତ୍ସା ପାଇଁ ଅକ୍ସିଜେନର ଅଭାବ ଲାଗି ରହିଛି । ସେହିପରି ଅଂଚଳର ରୋଗୀମାନେ ଡାକ୍ତରଖାନକୁ ପହଂଚିବା ପାଇଁ ଆମ୍ବୁଲାନ୍ସ ଅଭାବର ସମ୍ମୁଖୀନ ହେଉଛନ୍ତି । ଏହାକୁ ବେସରକାରୀ ସ୍ତରରେ ଦୂର କରିବା ପାଇଁ ମୁଁ ବଲାଙ୍ଗିର ବଣିକ ସଂଘକୁ ଅନୁରୋଧ କରିଥିଲି । ଆଜି ସଂଘ ଅକ୍ସିଜେନ ବ୍ୟଙ୍କ ଆରମ୍ଭ କରିଛି ଅତିଶୀଘ୍ର ଆମ୍ବୁଲାନ୍ସ ସେବା ମଧ ଯୋଗଇଦେବା ପାଇଁ ଚେଷ୍ଟା ଜାରି ରଖିଛି । ସଂଘର ଏହି ଜନମଙ୍ଗଳକାରୀ ଉଦ୍ୟମ ପାଇଁ ମୁଁ ସଂଘକୁ ଧନ୍ୟବାଦ ଜ୍ଞାପନ କରୁଛି ବୋଲି ଶ୍ରୀ ମିଶ୍ର ବାର୍ତ୍ତା ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରଅଧିକାରୀ ବିପିନ ଦୀପ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ସଂଘର ଏହି ମହତ ଉଦ୍ୟମକୁ ପ୍ରଶଂସା କରିବା ସହ ଏହା ମହାମାରୀ ସହ ଲଢିବାରେ ବଲାଙ୍ଗିର ସହରକୁ ସହାୟକ ହେବ ବୋଲି କହିଛନ୍ତି । କାର୍ଯ୍ୟକ୍ରମକୁ ବଲାଙ୍ଗିର ରେଡକ୍ରସ ସୋସାଇଟିର ସଭାପତି ବିଷ୍ଣୁ କେଡିଆ ସଂଯୋଜନା କରିବା ସହ ଏହି ଅବସରରେ ବଣିକ ସଂଘର ସଭାପତି ତ୍ରିପୁରାରୀ ପାଣିଗ୍ରାହୀ, ସଂପାଦକ ବଳରାମ ଅଗ୍ରୱାଲ ତଥା ବିଙ୍ଗ ହ୍ୟୁମାନର ପ୍ରତିଷ୍ଠାତା ସୋମନାଥ ମିଶ୍ରଙ୍କୁ ମହତ ସେବା ପାଇଁ ସମ୍ବର୍ଦ୍ଧିତ କରିଥିଲେ ।

ବଲାଙ୍ଗିର ଏକ୍ସନ କମିଟି ସଭାପତି ଗୋପାଳଜୀ ପାଣୀଗ୍ରାହୀ ସଂଘକୁ ସାଧୁବାଦ ଦେବା ସହ ମାହାମରୀ ପରିସ୍ଥିତିରେ ସମସ୍ତ ବଲାଙ୍ଗିରବାସୀ ଏକ ହୋଇ ନିଜ ଭିତରେ ଆପୋସୀ ସହେଯାଗ ରଖିବାକୁ ଅହ୍ୱାନ କରଥିଲେ । ଆଜିର ଏହି ସଭାକୁ ବଣିକ ସଂଘର ସଦସ୍ୟବୃନ୍ଦ ସହେଯାଗ କରିଥିଲେ ।

# ସରକାର କା ମାଲ୍, ଦରିଆ ମେ ଡାଲ୍ : ଡ୍ରାଇଭର ଅଭାବରୁ ଡାକ୍ତରଖାନାର ଗ୍ୟାରେଜରେ ଖତ ଖାଉଛି ଆମ୍ବୁଲାନ୍ସ, ରୋଗୀଙ୍କ ସେବାରେ ଲାଗିପାରୁନି




ଦେଓଗାଁ, (ନିପ୍ର) : କରୋନା ମହାମାରୀରେ ଲୋକଙ୍କୁ ମିଳୁନି ଆମ୍ବୁଲାନ୍ସ । ସେଥିପାଇଁ କିଏ ସାଇକେଲରେ ଶବ ବୋହୁଛି ତ ପୁଣି କିଏ କାନ୍ଧରେ ବୋହି ନେଉଛି । ହେଲେ ବଲାଙ୍ଗିର ଜିଲ୍ଲା ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ନେବା ଆଣିବା ପାଇଁ ଥିବା ଆମ୍ବୁଲାନ୍ସ ଖତ ଖାଉଛି ଗ୍ୟାରେଜ ଭିତରେ, ତାହା ପୁଣି ଡ୍ରାଇଭର ଅଭାବରୁ । ରୋଗୀ ନ ବୋହି ଡାକ୍ତରଖାନା ଭିତରେ ଦୀର୍ଘ ବର୍ଷ ହେଲା ପଡି ରହିଥିବା ଜଣାପଡିଛି । କିନ୍ତୁ ଏହି ଆମ୍ବୁଲାନ୍ସଟି କଣ କଲେ କାର୍ଯ୍ୟକ୍ଷମ ହେବ ସେ ବିଷୟରେ ରାଜନେତା କି ସରକାରୀ ଅଧିକାରୀ କେହି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଫଳରେ ଡାକ୍ତରଖାନାରେ ଏହି ଆମ୍ବୁଲାନ୍ସକୁ ଦେଖି ଲୋକେ ସରକାର କା ମାଲ୍, ଦରିଆ ମେ ଡାଲ୍ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୧୩/୧୪ ଆର୍ଥିକ ବର୍ଷରେ ସାଂସଦ ପାଣ୍ଠିରୁ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ ତତ୍କାଳୀନ ବଲାଙ୍ଗିର ସାଂସଦ କଳିକେଶ ନାରାୟଣ ସିଂହ ଦେଓ । କିନ୍ତୁ ଦୀର୍ଘ ୭ ବର୍ଷ ହେଲା ଏହି ଆମ୍ବୁଲାନ୍ସଟି ପଡିରହିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗ୍ୟାରେଜ ଭିତରେ । ଏହି ଆମ୍ବୁଲାନ୍ସକୁ ଚଳାଇବା ପାଇଁ ସେ ସମୟର ଜଣେ ଡ୍ରାଇଭରକୁ ମଧ ନିଯୁକ୍ତି ଦେଇଥିଲେ ଡାକ୍ତରଖାନା କର୍ତ୍ତୃପକ୍ଷ । ଅନ୍ୟ ପକ୍ଷରେ ଦେଓଗାଁ ଜାତୀୟ ରାଜପଥ ଉପରେ ପ୍ରତ୍ୟହ ଦୁର୍ଘଟଣା ଘଟୁଥିବା ବେଳେ ଆହତମାନଙ୍କୁ ଆମ୍ବୁଲାନ୍ସରେ ନ ନେଇ ଦମକଳ ବାହିନୀର କର୍ମଚାରୀମାନେ ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରୁଛନ୍ତି ।

ଅନେକେ ସମୟରେ ଅକ୍ସିଜେନ ଅଭାବରୁ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଲୋକେ ମୃତ୍ୟୁ ବରଣ କରୁଛନ୍ତି । ଯଦି ଡାକ୍ତରଖାନାରେ ପଡ଼ି ରହିଥିବା ଏହି ଆମ୍ବୁଲାନ୍ସଟିକୁ ଅଗ୍ନିଶମ ବାହିନୀକୁ ଯୋଗାଇ ଦିଆଯାଏ ତା ହେଲେ ଅନେକ ଲୋକଙ୍କ ଜୀବନ ବଂଚିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

# ହାତୀ ଆକ୍ରମଣରେ ଜଣେ ଗୁରୁତର



ଲୋଇସିଂହା, (ନିପ୍ର) : ଲୋଇସିଂହା ଫରେଷ୍ଟ ରେଞ୍ଜ ଅଂଚଳରେ ହାତୀ ଉପଦ୍ରବ ଥମିବାର ନାଁ ନେଉନଥିବା ବେଳେ ଆଜି ପୁଣି ହାତୀ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି । ଲୋଇସିଂହା ଥାନା ନୁନିଆପାଲି ଗ୍ରାମର ହେମନ୍ତ ସାହୁ(୪୫) ରବିବାର ସକାଳେ ନିଜ ଜମିକୁ ଯାଇଥିବା ବେଳେ ଏକ ବଣୁଆ ହାତୀ ହାବୁଡ଼ରେ ପଡ଼ିଥିଲେ ।

ହାତୀଟି ତାଙ୍କୁ ଆକ୍ରମଣ କରିଥିବା ବେଳେ କୌଣସି ମତେ ସେ ନିଜ ଜୀବନ ବଂଚାଇବାରେ ସକ୍ଷମ ହୋଇଥିଲେ । ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଗ୍ରାମବାସୀ ବଲାଂଗିର ଭୀମଭୋଇ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାଯାଇଛି ।

# ସଇଁନ୍ତଲା ମାରୱାଡି ଯୁବା ମଂଚ ପକ୍ଷରୁ ଅକ୍ସିଜେନ ବ୍ୟାଙ୍କ ଉଦ୍‌ଘାଟିତ ହେଲା




ସଇଁନ୍ତଲା, (ନିପ୍ର) : କରୋନା ମହାମାରୀକୁ ନେଇ ସାରା ରାଜ୍ୟରେ ଆତଙ୍କିତ ଅବସ୍ଥାରେ ଲୋକେ ରହୁଛନ୍ତି । ଅନେକ ଲୋକେ ଅକ୍ସିଜେନ ନପାଇବାରୁ ମୃତ୍ୟୁ ବରଣ ମଧ କରୁଛନ୍ତି । ତେବେ ଏଭଳି ପରିସ୍ଥିତିରେ ଆଗେଇ ଆସିଛି ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ବ୍ଲକ ମାରୱାଡି ଯୁବା ମଂଚ । ସ୍ଥାନୀୟ ପେଟ୍ରୋଲ ପମ୍ପ ନିକଟରେ ଅକ୍ସିଜେନ ବ୍ୟାଙ୍କର କେନ୍ଦ୍ରକୁ ସଇଁନ୍ତଲା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ମାରୱାଡି ସମାଜର ବରିଷ୍ଠ ସଦସ୍ୟ ମଦନଲାଲ ଅଗ୍ରୱାଲ, ରାଜା ଅଗ୍ରୱାଲ, ତୁଳସୀ ଅଗ୍ରୱାଲଙ୍କ ସହଯୋଗରେ ଏହି ଅକ୍ସିଜେନ ବ୍ୟାଙ୍କର ଶୁଭାରମ୍ଭ ହୋଇଥିଲା ।

ମାରୱାଡି ଯୁବାମଂଚ ସଭାପତି ଆଶିଷ ଅଗ୍ରୱାଲ, ସମ୍ପାଦକ ସୌରଭ ଅଗ୍ରୱାଲ, କୋଷାଧ୍ୟକ୍ଷ ହରିଶଙ୍କର ଅଗ୍ରୱାଲ, ବାଦଲ ଅଗ୍ରୱାଲ, ଅରବିନ୍ଦ ଜୈନ, ନିତେଶ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଅନୁକୂଳ ଅଗ୍ରୱାଲ, ସୁଭମ ଅଗ୍ରୱାଲ, ସୁରଜ ଅଗ୍ରୱାଲ, ମାଂଶୁକ ଅଗ୍ରୱାଲ, ଶ୍ରୀରାମ ଅଗ୍ରୱାଲ ଓ ସ୍ଥାନୀୟ ଆଂଚଳିକ ସାମ୍ବାଦିକ ସଂଘର ସଭାପତି ଦେବେନ୍ଦ୍ର ଯୋଶୀ ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ସିଜେନ ମାଗଣାରେ ଉପଲବ୍ଧ ଥିବା ବେଳେ ସୌରଭ – ୯୯୩୭୦୮୬୫୩୩, ହରିଶଙ୍କର – ୭୯୭୮୫୮୮୪୭୦ ଏବଂ ଅରବିନ୍ଦ – ୮୯୮୪୦୦୯୦୦ଙ୍କ ଜରୁରୀକାଳୀନ ନମ୍ବର ମଧ ଜାରି କରାଯାଇଛି । ଯେଉଁ ମୁହୂର୍ତ୍ତରେ ଯାହାକୁ ଦରକାର ପଡିବ ଫୋନ୍ କରିବା ପାଇଁ ମଧ ଅନୁରୋଧ କରିଛନ୍ତି ମାରୱାଡି ଯୁବା ମଂଚର ସଦସ୍ୟ ମାନେ । ମାରୱାଡି ଯୁବା ମଂଚର ଏହି କାର୍ଯ୍ୟକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ପ୍ରଶଂସାର ସୁଅ ଛୁଟୁଛି ।

# ସ୍ୱର୍ଗଦ୍ୱାର ସେବା ସଂଗଠନ ଦ୍ୱାରା କରୋନା ସଂକ୍ରମିତଙ୍କ ଶବ ସତ୍କାର



କର୍ଲାମୁଣ୍ଡା, (ନିପ୍ର) : ରବିବାର ଦିନ ସ୍ୱର୍ଗଦ୍ୱାର ସେବା ସଂଗଠନ ଦ୍ୱାରା ଏକ କରୋନା ସଂକ୍ରମିତଙ୍କ ଶବସତ୍କାର କରାଯାଇଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଉତ୍‌କେଲା ପଂଚାୟତର କୋକୋଡମାଲ ଗ୍ରାମର ଇନ୍ଦ୍ରମଣି ପଟ୍ଟନାୟକଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ହୋଇଥିବା ବିଡିଓ ପ୍ରଫୁଲ୍ଲ କୁମାର ସ୍ୱର୍ଗଦ୍ୱାର ସଂଗଠନକୁ ସୂଚନା ଦେଇଥିଲେ । ଉକ୍ତ ଶବ ସତ୍କାର ପାଇଁ କେହି ସହଯୋଗ କରୁନଥିବା କୁହାଯାଇଥିଲା । ତେବେ ସଂଗଠନର ମୁଖ୍ୟ ସମାଜସେବୀ ମନୋଜ କୁମାର ପଟ୍ଟନାୟକ ତାଙ୍କର ଟିମ୍‌କୁ ନେଇ ଉକ୍ତ ଗାଁରେ ପହଂଚି ଶବକୁ ସସମ୍ମାନେ ସତ୍କାର କରିଥିଲେ । ଏହାକୁ ନେଇ ବିଡିଓ ସଂଗଠନର ଉଚ୍ଚ ପ୍ରଶଂସା କରିବା ସହ ବିପତ୍ତି ବେଳାରେ ସ୍ୱର୍ଗଦ୍ୱାର ସେବା ସଂଗଠନ ତାର ମାନବିକତା ପ୍ରଦର୍ଶନ କରିଛି ବୋଲି ମତ ପ୍ରକାଶ କରିଥିଲେ । ପ୍ରଶାସନ ତରଫରୁ ବିଡିଓ, ଅତିରିକ୍ତ ତହସିଲଦାର କେସିଙ୍ଗା ରୁଦ୍ରମୋହନ ନାୟକ, ସଦର ପୁଲିସର ଉପସ୍ଥିତିରେ ପ୍ରଶାସନ ପ୍ରଦତ୍ତ ପିପିଇ କିଟ୍ ପରିଧାନ କରି ସଂଗଠନର ସଦସ୍ୟ ମାନେ ଅତ୍ୟନ୍ତ ସୁରକ୍ଷିତ ଭାବରେ ଶବ ସତ୍କାର କରିଥିଲେ । ଏହାକୁ ନେଇ ସଂପୃକ୍ତ ମୃତକ ପରିବାର ସଂଗଠନ ପ୍ରତି ଅଶେଷ କୃତଜ୍ଞତା ଜଣାଇଛନ୍ତି ।

ଏହି ଟିମ୍‌ରେ ସଂଗଠନର ସଜନ କୁମାର ଅଗ୍ରୱାଲ, ମନୋଜ କୁମାର ଷଡ଼ଙ୍ଗୀ, ମିତ୍ରସେନ ଭୋଇ, ସରୋଜ ସାହୁ, ମୁଡିଙ୍ଗ ସରପଂ ଟଙ୍କଧର ନାୟକ, ସଂଜୀବ ନାୟକ ଓ ହେମନ୍ତ କୁମାର ସାମିଲ ହୋଇଥିଲେ । ପ୍ରକାଶ ଥାଉ କି, ନବଗଠିତ ଏହି ସଂଗଠନ ପକ୍ଷରୁ ଗତକିଛି ଦିନ ତଳେ ସାହାଜପାଟି ଗ୍ରାମର ଜଣେ କରୋନା ସଂକ୍ରମିତଙ୍କ ଶବକୁ ମଧ ସତ୍କାର କରାଯାଇଥିଲା ।

# ହରିୟାଣରେ ବଢିଲା ଏକ ସପ୍ତାହ ପାଇଁ ଲକ୍‌ଡାଉନ୍ : ଟୁଇଟ୍ ମାଧମରେ ସୂଚନା ଦେଲେ ଗୃହମନ୍ତ୍ରୀ

ହରିୟାଣା : ହରିୟାଣାରେ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍‌କୁ ଆଉ ଏକ ସପ୍ତାହ ପାଇଁ ବଢାଯାଇଛି । ଏହି ଲକ୍‌ଡାଉନ୍ ରାଜ୍ୟରେ ମେ ୨୪ ପର୍ଯ୍ୟନ୍ତ ଜାରି ରହିବ । ପୂର୍ବରୁ ଲକଡାଉନ୍ ଅବଧି କେବଳ ୧୬ ମେ' ପାଇଁ ଥିଲା । ଏ ନେଇ ହରିୟାଣା ଗୃହମନ୍ତ୍ରୀ ମନ୍ତ୍ରୀ ଅନିଲ ବିଜୟ ଟୁଇଟ୍ ମାଧମରେ ସୂଚନା ଦେଇ କହିଛନ୍ତି, "ହରିୟାଣାରେ ଲକ୍‌ଡାଉନ୍‌କୁ ୧୭ ମେ ରୁ ୨୪ ମେ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ସତର୍କତାକୁ କାର୍ଯ୍ୟକାରୀ କରିବା ପାଇଁ କଡା ପଦକ୍ଷେପ ନିଆଯିବ ।"

# ଯାଦବ ସମାଜ ପକ୍ଷରୁ ଆମ୍ବୁଲାନ୍ସ ଚାଳକଙ୍କୁ ସମ୍ବର୍ଦ୍ଧନା




ବଲାଙ୍ଗିର, (ନିପ୍ର) : ସ୍ଥାନୀୟ ଯାଦବ ଭବନ ବଲାଙ୍ଗିର ଠାରେ ବଲାଙ୍ଗିର ଯାଦବ ସମାଜ ପକ୍ଷରୁ ବଲାଙ୍ଗିର ଆମ୍ବୁଲାନ୍ସ ଚାଳକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କରୋନା ମହାମାରୀର ଦ୍ୱିତୀୟ ଲହର ବର୍ତ୍ତମାନ କବଳିତ କରିଛି । ଅନେକ ଲୋକ ନିଜର ପରିବାର ପରିଜନଙ୍କ ପାଖକୁ ଯିବାକୁ ନାରାଜ । ବର୍ତ୍ତମାନ ସ୍ଥିତିରେ ଅନେକ ଚାଳକ ଭାଇମାନେ କରୋନା ରୋଗୀଙ୍କୁ ନେବା ଆଣିବା କରିବା ସହ ଯଥାସମ୍ଭବ ସାହାଯ୍ୟ ସହଯୋଗ କରି ଆସୁଛନ୍ତି ଏବଂ ନିଜର ମାନବିକତାର ପରିଚୟ ଦେଇଛନ୍ତି । ସେହି ଭଳି ବଲାଙ୍ଗିରର ଦୀର୍ଘ ଦିନରୁ ଚାଳକ ଭାବରେ କାର୍ଯ୍ୟରତ ଏବଂ କରୋନା ମହାମାରୀ ଆରମ୍ଭ ହେଲା ଦିନଠାରୁ ଅନେକ ରୋଗୀମାନଙ୍କୁ ସେବା ଯୋଗାଇ ଆସୁଛନ୍ତି ଦିଗାମ୍ବର ମାଝି । ୨୦୧୦ ମସିହାରୁ ଆଜି ପର୍ଯ୍ୟନ୍ତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆମ୍ବୁଲାନ୍ସ ଡ୍ରାଇଭର ଭାବେ ଦାକ୍ଷତା ସହ ରୋଗୀ ସେବାରେ ସେ ନିୟୋଜିତ ଥିବା ବେଳେ ମହାମାରୀ କରୋନା ଆକ୍ରାନ୍ତଙ୍କୁ ଦୀର୍ଘ ୧ ବର୍ଷ ହେଲା ପରିବହନ କରିଛନ୍ତି ଏବଂ ଟିଟିଲାଗଡ ସବ୍‌ଡିଭିଜନର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ନିରନ୍ତର ଭାବେ ଆମ୍ବୁଲାନ୍ସ ଯୋଗେ ପରିବହନ କରିଛନ୍ତି । ସେହିଭଳି ଆମ୍ବୁଲାନ୍ସ ସେବା ପ୍ରଦାନ କରିଥିବା ଶମ୍ଭୁ ପ୍ରସାଦ ପଧାନ ଓ ପ୍ରଦ୍ୟୁମ୍ନ କୁମାର ତ୍ରିପାଠିଙ୍କୁ ଯାଦବ ଭବନ ତରଫରୁ ଯାଦବ ଭବନ ଠାରେ ସମ୍ମାନ ଜଣାଇ ପିପିଇ କିଟ, ପୁଷ୍ପ ଓ ଉତ୍ତରୀୟ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । ପୌରାଂଚଳ ଯାଦବ ସମାଜ ସଭାପତି ପଙ୍କଜ ସେଲମା ଏବଂ ପ୍ରଶାନ୍ତ ମହାକୁରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ବଲାଙ୍ଗିର ୟୁଥ୍ ଏକ୍ସନ କମିଟିର ସଭାପତି ବିନୋଦ କାଲସାଏ, ମାହେଶ୍ୱରୀ ସଂଗଠନର ଅଙ୍କୁଶ ପାଣ୍ଡିଆ, ରେଡକ୍ରସ ସୋସାଇଟିର ରଞ୍ଜିତ ମିଶ୍ର, ଘାସିରାମ ଦୀପ, ଆକୁଳ ବଗର୍ତ୍ତି, ସାନ ଜାଲ, ସନ୍ଦିପ ବାଗ ଉପସ୍ଥିତ ଥିଲେ । ଶେଷରେ ଜୟଦେବ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।






# ସମାଜସେବୀ ତଥା ପୂର୍ବତନ ସରପଞ୍ଚ ବେଣୁଧର ପାଣିଗ୍ରାହୀଙ୍କ ପରଲୋକ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟିର ବୟୋଜ୍ୟେଷ୍ଠ ସମାଜସେବୀ ତଥା ପୂର୍ବତନ ସରପଂଚ ବେଣୁଧର ପାଣିଗ୍ରାହୀଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କ ୯୮ ବର୍ଷ ହେଉଥିଲା । ବାର୍ଦ୍ଧକ୍ୟ ଜନିତ କାରଣରୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କିଛିଦିନ ହେଲା ଚିକିତ୍ସିତ ହେଉଥିଲେ । ରବିବାର ସ୍ଥାନୀୟ ବିଜାଖମନ ଶ୍ମଶାନଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଗତ ବେଣୁଧରଙ୍କ ତୃତୀୟ ପୁତ୍ର ନବୀନ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ବେଣୁଧରଙ୍କ ୮ ପୁଅ ଓ ୨ ଝିଅ ଥିବା ବେଳ ୨ ପୁଅଙ୍କ ପୂର୍ବରୁ ପରୋଲୋକ ହୋଇଯାଇଛି । ତାଙ୍କ ପତ୍ନୀ ବିନୋଦିନୀଙ୍କ ମଧ୍ୟ ପୂର୍ବରୁ ମୃତ୍ୟୁ ହୋଇସାରିଛି । ତାଙ୍କର ପୁଅଙ୍କ ମଧ୍ୟରେ ସ୍ୱର୍ଗତ ଅନ୍ତର୍ଯ୍ୟାମୀ (ପୂର୍ବତନ ରେଞ୍ଜର), ସ୍ୱର୍ଗତ ଲଳିତ (ପୂର୍ବତନ ପୋଲିସ ଡିଏସ୍‌ପି ), ନବୀନ (ପୂର୍ବତନ ରେଞ୍ଜର), ସରୋଜ କୁମାର (ପୂର୍ବତନ କାଜୁ ନିଗମ ଅଧକ୍ଷ), ଅଧ୍ୟାପକ ସୁରେନ୍ଦ୍ର, ଶୁଶିଳ(ପୂର୍ବତନ ଅତିରିକ୍ତ ଏସପି), ସୁଶାନ୍ତ (ପୂର୍ବତନ ବ୍ଲକ ଅଧକ୍ଷ), ସୁକାନ୍ତ (ବିଶିଷ୍ଟ କ୍ରୀଡାବିତ ତଥା ଏଜି ଅଧିକାରୀ) ଓ ୨ ଝିଅ ସଂଯୁକ୍ତା ଓ ସବିତା ସେହିପରି ନାତି ନାତୁଣୀଙ୍କ ମଧ୍ୟରେ ସୁବାସ, ବିକାଶ, ତାପସ, ପ୍ରୀତିଶ, ପ୍ରଭାଷ, ପ୍ରତ୍ୟୁଷ, ପିୟୁଷ ପ୍ରମୁଖ ଶ୍ମଶାନରେ ଉପସ୍ଥିତ ଥିଲେ । ଭଣଜା ମାନଙ୍କ ମଧ୍ୟରେ ହରିନାରାୟଣ(ନରି), ସଞ୍ଜିବ ଓ ଶାନ୍ତନୁ ପ୍ରମୁଖ ଶ୍ମଶାନରେ ଉପସ୍ଥିତ ଥିଲେ । ଜ୍ୱାଇଁଙ୍କ ମଧ୍ୟରେ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ନାଏକ ଓ ବହୁ ବନ୍ଧୁ ପରିଜନ ଅନ୍ତିମ ଦର୍ଶନ କରିଥିଲେ । ପୂର୍ବତନ ରାଜ୍ୟ ମହିଳା କମିଶନ ଅଧକ୍ଷା ଜ୍ୟୋତି ପାଣିଗ୍ରାହୀ ସ୍ୱର୍ଗତ ବେଣୁଧରଙ୍କ ବହୁ ଅଟନ୍ତି । ସ୍ୱର୍ଗତ ବେଣୁଧର ଚନ୍ଦନଭାଟି ଗ୍ରାମ ପଂଚାୟତର ଲଗାତାର ୨୫ ବର୍ଷ ଧରି ସରପଂଚ ରହି ଅଂଚଳର ଜନମାନସରେ ନିଜକୁ ସାମିଲ କରିଥିଲେ । ବେଣୁଧର ଟିଟିଲାଗଡ଼ର ସମ୍ଭ୍ରାନ୍ତ ବେହେରା ପରିବାରରେ ବିବାହ କରିଥିଲେ । ବିଚାରପତି ବାଳକୃଷ୍ଣ ବେହେରା ଓ ହରେକୃଷ୍ଣ ବେହେରାଙ୍କ ଭଉଣୀ ବିନୋଦିନୀଙ୍କୁ ସେ ବିବାହ କରିଥିଲେ । ସ୍ୱର୍ଗତ ବେଣୁଧରଙ୍କ ଦୁଇଭାଇ ବିରଂଚି ଓ ମୁରଲୀଙ୍କ ମଧ୍ୟ ପୂର୍ବରୁ ପରୋଲୋକ ହୋଇସାରିଛି । ଏହି ଖବର ଚନ୍ଦନଭାଟି ଅଂଚଳରେ ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ପରଲୋକରେ ଭଉଣୀ ସୁବାଷିନୀ ପୁଜାରୀ, ସୀତା ନାଏକ, ଭାଇ ଶରତ ପାଣିଗ୍ରାହୀ ଗଭୀର ଶୋକ ପ୍ରକାଶ କରଛନ୍ତି ।

# କେଶରୀୟା ହିନ୍ଦୁ ବାହିନୀ ତରଫରୁ ମାଗଣାରେ ଖାଦ୍ୟ ବଂଟନ



ବଲାଙ୍ଗିର, (ନିପ୍ର) : ରବିବାର ଦିନ ସ୍ଥାନୀୟ ଭୀମ ଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ଠାରେ ଦିନ ୧୧ଟା ଏବଂ ସନ୍ଧ୍ୟା ୭ ଟା ସମୟରେ ରୋଗୀଙ୍କ ସହାୟକମାନଙ୍କୁ କେଶରୀୟା ହିନ୍ଦୁ ବାହିନୀ ତରଫରୁ ପୁଣି ମାଗଣାରେ ଖାଦ୍ୟ ବଂଟନ କରାଯାଇଛି । ରବିବାର ଦିନ ଲକ୍‌ଡାଉନ ସହିତ ଆହାର କେନ୍ଦ୍ର ବନ୍ଦ ରହୁଥିବାରୁ ଲୋକେ ଖାଇବାକୁ ନ ପାଇ ହନ୍ତସନ୍ତ ହେଉଛନ୍ତି । ଏହି ଘଡିସନ୍ଧି ମୁହୂର୍ତ୍ତରେ ଲୋକଙ୍କ ସେବା କରିବା ଆମ ସଂଗଠନର ମୂଳ କର୍ତ୍ତବ୍ୟ ବୋଲି ବାହିନୀ ପକ୍ଷରୁ କୁହାଯାଇଛି ।

ଗତ ରବିବାର ଠାରୁ ଲକ୍‌ଡ଼ାଉନ ଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ରବିବାର ଦିନ ଦୁଇ ବେଳା ଲୋକଙ୍କୁ ମାଗଣା ଖାଦ୍ୟ ବଂଟନ କରାଯାଉଛି । ଆଗକୁ ମଧ୍ୟ ଏହି କାର୍ଯ୍ୟ କେଶରୀୟା ହିନ୍ଦୁ ବାହିନୀ ତରଫରୁ ଜାରି ରହିବ ଏବଂ ଆହୁରି ବିଭିନ୍ନ ପ୍ରକାରର ସେବା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରଦେଶ ଅଧକ୍ଷ ସନ୍ତୋଷ ଭୋଳ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ କେଶରୀୟା ହିନ୍ଦୁ ବାହିନୀ ପ୍ରଦେଶ ଅଧକ୍ଷ ଶ୍ରୀ ଭୋଳ, ଜିଲ୍ଲା ସଭାପତି ପ୍ରଦୀପ ତ୍ରିପାଠୀ, ଜିଲ୍ଲା ବରିଷ୍ଠ ଉପାଧକ୍ଷ ଶଙ୍କର୍ଷଣ ଆଚାର୍ଯ୍ୟ, ଜିଲ୍ଲା ପ୍ରବକ୍ତା ଦେବାନନ୍ଦ ନାୟକ, ଦେଓଗାଁ ବ୍ଲକ ଅଧକ୍ଷ ବଦ୍ରିନାଥ ହୋତା, ଶମ୍ଭୁ ସୁନା, ରାଜୁ ନାୟକ, କବି ସାହୁ, ଯୁବ ବାହିନୀ ଜିଲ୍ଲା ସଭାପତି ଆଲୋକ ପଣ୍ଡା, ରୁଦ୍ର ହୋତା, ମନୋଜ ନାୟକ, ରବୀନ୍ଦ୍ର ନାୟକ, କୁନା ନାୟକ, ଅଶୋକ ସିଂ, ଭାସ୍କର ରାଓ ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

# କରୋନା କାଳରେ ସଫେଇ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗିର, (ନିପ୍ର) : ବର୍ଷ ତମାମ୍ ଖରା, ବର୍ଷା, ଶୀତ ସବୁ ସମୟରେ ନିଜ ଜୀବନକୁ ବାଜି ଲାଗାଇ ଆମକୁ ସ୍ୱଚ୍ଛତା ପ୍ରଦାନ କରି ଆସୁଥିବା ବଲାଙ୍ଗିର ପୌରାଂଚଳର ସଫେଇ କର୍ମଚାରୀମାନଙ୍କୁ ନାରୀ ଶକ୍ତି ଫାଉଣ୍ଡେସନ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଛି । ଆଗାମୀ ସମୟରେ ସେମାନଙ୍କ ଆନ୍ତରିକତା ସମାଜର ପରିମଳ ବ୍ୟବସ୍ଥାକୁ ସମୃଦ୍ଧ କରିବ ବୋଲି ବଶ୍ୱାସ କରାଯାଉଛି । ଏଣୁ ଏହି ଅବସରରରେ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ସେମାନଙ୍କ ମଙ୍ଗଳ କାମନା କରାଯାଇଛି ।

ଏହି ସମ୍ବର୍ଦ୍ଧନା ପର୍ବରେ ସରିତା ଦାସ, ସଂତୋଷିନୀ ବେହେରା, ନୂତନ ଦାସ, ପ୍ରିୟଙ୍କା ତ୍ରିପାଠୀ, ସରିତା ବାଗ, ସନ୍ଧ୍ୟା ରାଣୀ ପଣ୍ଡା, ନୂତନ ସେହ୍ରିଆ, ଅଙ୍କିତା ମହାନ୍ତି, ଜଗଦମ୍ବା ନାୟକ, ସବିତା ମୁଣ୍ଡା ପ୍ରମୁଖ ସଦସ୍ୟାମାନେ ଉପସ୍ଥିତ ଥିଲେ ।

ନାରୀ ଶକ୍ତି ଫାଉଣ୍ଡେସନ୍ ପକ୍ଷରୁ କୁହାଯାଇଛି ଯେ, ସଫେଇ କର୍ମଚାରୀମାନେ ବାସ୍ତବରେ ସମାଜକୁ ସ୍ୱଚ୍ଛ ରଖିବାରେ ବିଶେଷ ଭୂମିକା ଗ୍ରହଣ କରିଥାନ୍ତି । ଏମାନଙ୍କ ବହୁମୂଲ୍ୟ ଅବଦାନ ଯୋଗୁଁ ଆମ ମାନବ ସମାଜ ସ୍ୱଚ୍ଛ ଓ ସୁରକ୍ଷିତ ହୋଇ ରହି ଆସିଛି ।

# ଅଦା : ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ



ଅଦା ସ୍ୱାଦ ଏବଂ ଔଷଧୀୟ ଗୁଣରେ ଭରପୂର । ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । କାହିଁ କେଉଁ କାଳରୁ ଅଦାର ବ୍ୟବହାର ଆମ ଆୟୁର୍ବେଦ ଶାସ୍ତ୍ରରେ ରହି ଆସିଛି । ପେଟର ବିଭିନ୍ନ ପ୍ରକାର ସମସ୍ୟା ପାଇଁ ଅଦା ଯେତିକି ଉପକାରୀ କଫ ଓ ଥଣ୍ଡା ରୋଗର ଉପଶମ ପାଇଁ ମଧ୍ୟ ସେତେକି ଫଳପ୍ରଦ ବୋଲି କୁହାଯାଏ । ଅଦାଯୁକ୍ତ ନାଲି ଚା' ପିଇବା ଦ୍ୱାରା ପେଟ ସଫା ହୁଏ । ଏପରିକି ଗଣ୍ଠି ଦରଜ କମାଇବା କ୍ଷେତ୍ରରେ ମଧ୍ୟ ଅଦାର ଭୂମିକା ରହିଛି । ସବୁଠାରୁ ବଡ଼ କଥା ହେଲା, ମାଇଗ୍ରେନ୍ ପାଇଁ ଅଦା ଲାଭକାରୀ ସାବ୍ୟସ୍ତ ହୋଇଛି । କେନ୍ସର୍ ରୋଗ କୋଷିକାକୁ ବି ନଷ୍ଟ କରିବାରେ ଅଦା ସମର୍ଥ ହୋଇପାରେ ବୋଲି ମଧ୍ୟ ଆୟୁର୍ବେଦିକ ଚିକିତ୍ସକମାନେ ମତ ପୋଷଣ କରନ୍ତି । ଶ୍ୱାସ ରୋଗ ପାଇଁ ଅଦା ବେଶ୍ ଲାଭଦାୟକ ସିଦ୍ଧ ହୋଇଛି । ବ୍ଲଡ୍ ସୁଗାର୍ କମ୍ କରିବାରେ ତଥା ଇନ୍ସୁଲିନ୍ ମାତ୍ରା ବଢ଼ାଇବାରେ ମଧ୍ୟ ଅଦାର ଭୂମିକାକୁ ଗ୍ରହଣ କରାଯାଉଥିବା ବେଳେ ବିଭିନ୍ନ ପ୍ରକାର ହୃଦ୍‌ରୋଗରେ ମଧ୍ୟ ଅଦା ସହଯୋଗୀ ହେଉଥିବା କୁହାଯାଏ । ସେହିପରି ରକ୍ତ ସଫା କରିବାରେ ଅଦାର ପ୍ରୟୋଗ ରହିଥିବା ବୈଦ୍ୟରାଜମାନେ ମତ ଦିଅନ୍ତି । ତେବେ ଅଦା ସେବନ ପ୍ରତି ଆମର ଆଦର ବଳବତ୍ତର ରହିବା ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଆମେ ସ୍ୱାସ୍ଥ୍ୟବାନ ରହିପାରିବା ।

# ଲକ୍‌ଡାଉନ୍ ଉଲ୍ଲଂଘନ କରୁଥିବା ଲୋକଙ୍କୁ ନୂଆ ଦଣ୍ଡ : ୩୦ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ଲେଖିବେ ରାମ ନାମ



ସତନା : ମଧ୍ୟପ୍ରଦେଶର ସତନା ଜିଲ୍ଲାରେ ଲକଡାଉନ୍ ଉଲଂଘନ କରୁଥିବା ଲୋକଙ୍କୁ ଦଣ୍ଡ ଦେବା ପାଇଁ ପୋଲିସ ଏକ ନିଆରା ଉପାୟ ଅବଲଂବନ କରିଛି । ଯେଉଁମାନେ ଲକ୍‌ଡାଉନ୍ ଉଲଂଘନ କରୁଛନ୍ତି ସେମାନଙ୍କୁ ୩୦ରୁ ୪୫ ମିନିଟ୍ ପର୍ଯ୍ୟନ୍ତ ପ୍ରଭୁ ରାମଙ୍କ ନାମ ଲେଖାଇବା ପରେ ସେମାନଙ୍କୁ ଘରେ ରହିବାକୁ ଏବଂ ସେମାନଙ୍କ ପରିବାରର ଯତ୍ନ ନେବାକୁ ପରାମର୍ଶ ଦେଉଛନ୍ତି ସବ୍-ଇନ୍ସପେକ୍ଟର । ସିନ୍ଧି କ୍ୟାମ୍ପ ବାବା ଦୟାଲଦାସ ଚୌକ ପୋଷ୍ଟରେ ନିୟୋଜିତ ହୋଇଥିବା ସବ୍-ଇନ୍ସପେକ୍ଟର ସାନ୍ତୋଷ ସିଂ କହିଛନ୍ତି ଯେ, ଲକଡାଉନ୍ ଉଲ୍ଲଂଘନ କରିଥିବା ଲୋକଙ୍କୁ ଦଣ୍ଡିତ କରିବାର ନୂଆ ଉପାୟ ସେତେବେଳେ ତାଙ୍କ ମନକୁ ଆସିଥିଲା, ଯେତେବେଳେ ନିକଟସ୍ଥ ସମ୍ପ୍ରଦାୟ ତାଙ୍କୁ ଅନେକ ପାମ୍ପଲେଟ୍ ଦାନ କରିଥିଲେ ।

ସୂଚନା ଯୋଗ୍ୟ ଯେ, ଜିଲାରେ କରୋନା କର୍ଫ୍ୟୁକୁ କଡାକଡି ଲାଗୁ କରିବା ପାଇଁ ଜିଲାରେ ୨୦ଟି ଚେକ୍ ପଏଂଟ ପ୍ରସ୍ତୁତ କରାଯାଇଛି । ସାନ୍ତୋଷ ସିଂଙ୍କୁ ସିନ୍ଧି କ୍ୟାମ୍ପ ବାବା ଦୟାଲଦାସ ଚୌକରେ ନିୟୋଜିତ କରାଯାଇଛି । ସେ କହିଛନ୍ତି, ଆମେ ସେମାନଙ୍କୁ ୪୫ ମିନିଟରୁ ଏକ ଘଂଟା କାଳ ପୂର୍ବରୁ ଲକ୍‌ଡାଉନ୍ ଉଲ୍ଲଂଘନ କରୁଥିବା ଲୋକଙ୍କୁ ବସାଇ ରଖୁଥିଲୁ । ତେଣୁ ମୁଁ ଭାବିଲି ଯେ ସେମାନେ ବସିବା ପର୍ଯ୍ୟନ୍ତ ପ୍ରଭୁ ରାମଙ୍କ ନାମ ଲେଖି ପାରିବେ । ଆମେ ସେମାନଙ୍କୁ ଘରେ ରହି ସେମାନଙ୍କ ପରିବାର ଯତ୍ନ ନେବାକୁ କହିଥାଉ ।

# ଜନମଂଚ ସିଭିଲ୍ ସୋସାଇଟି ସଂଗଠନ ତରଫରୁ ରାସନ ସାମଗ୍ରୀ ସହ ପନିପରିବା ବଂଟନ



ପାଟଣାଗଡ଼, (ନିପ୍ର) : ମହାମାରୀ କରୋନାର ପ୍ରଥମ ଲହରୀ ସାରା ବିଶ୍ୱରେ ତାର କାୟା ବିସ୍ତାର କରିସାରିଥିବା ବେଳେ ବର୍ତ୍ତମାନ ତାର ଦ୍ୱିତୀୟ ଲହରୀ ମାନବ ସମାଜକୁ କବଳିତ କରି ରଖିଛି । ତେବେ ତାକୁ ଆଖି ଆଗରେ ରଖି ସରକାରଙ୍କ ପକ୍ଷରୁ ଲକ୍‌ଡାଉନ ଏବଂ ସଟ୍‌ଡାଉନ ଜାରି ରହିଥିବା ବେଳେ ଗରିବ ମାନଙ୍କର ରୋଜଗାର ପୁରା ଠପ୍ ହୋଇଯାଇ ସେମାନେ ମୁଠେ ଖାଇବା ପାଇଁ ପାଉନାହାନ୍ତି । ଗରିବ ଲୋକଙ୍କ ଦୁଃଖ ବୁଝିବା ପାଇଁ କେହି ନାହାନ୍ତି, ଲୋକମାନେ ଦିନ ଦିନ ଧରି ଭୋକ ଉପାସରେ ରହୁଛନ୍ତି । ତେବେ ଏହି ସମୟରେ ସେମାନଙ୍କର ଅସହାୟର ସାଥୀ ପାଲଟିଛି ଜନମଂ ସିଭିଲ୍ ସୋସାଇଟି ସଂଗଠନ ।


ଦୀର୍ଘ ଦଶଦିନ ହେବ ଗରୀବ ମାନଙ୍କୁ ଚିହ୍ନଟ କରି କେବେ ରନ୍ଧା ଖାଦ୍ୟ ତ ଆଉ କେବେ ଶୁଖିଲା ଖାଦ୍ୟ ତ ଆଉ କେବେ ଗରୀବ ଶିଶୁ ମାନଙ୍କ ପାଇଁ କ୍ଷୀର ବଂଟନ କରାଯାଇଛି । ଗତକାଲି ମଧ୍ୟ ସଂଗଠନ ପକ୍ଷରୁ ରାସନ ସାମଗ୍ରୀ ସହ ପନିପରିବା ପାଟଣାଗଡ଼ ସ୍ଥିତ ଟିକାପାଲି ଏବଂ ଗଡଭିତରପାଲିର ଗରିବ ପରିବାର ମାନଙ୍କୁ ଚିହ୍ନଟ କରି ବଂଟନ କରାଯାଇଛି । ଏଥିରେ ପ୍ରତୀକ, ଗୋପିକ୍ରୀଷ୍ଣା, କୁନାଲ, ରମେଶ, ମୟୁର, ଲିପୁ, କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଦିଲ୍ଲୀରେ ଆଉ ଏକ ସପ୍ତାହ ପାଇଁ ଲକଡାଉନ୍ ବଢ଼ିଲା



ନୂଆଦିଲ୍ଲୀ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ରବିବାର ଦିନ କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ଜାତୀୟ ରାଜଧାନୀରେ ପ୍ରଯୁଜ୍ୟ ଲକଡାଉନ ଅବଧିକୁ ଆଉ ଏକ ସପ୍ତାହ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି ଏବଂ କହିଛନ୍ତି ଯେ, ଏହି ସଂକ୍ରମଣର ମୁକାବିଲାରେ ମିଳିଥିବା ସଫଳତାକୁ ଲକ୍‌ଡ଼ାଉନ୍ ହଟାଇ ବିଫଳ କରାଯାଇ ପାରିବନାହିଁ । କେଜ୍ରିଓ୍ୱାଲ ଗୁରୁ ତେଗ ବାହାଦୂର (ଜିଟିବି) ଡାକ୍ତରଖାନା ପରିଦର୍ଶନ ସମୟରେ କହିଛନ୍ତି ଯେ, ଗତ କିଛି ଦିନ ମଧ୍ୟରେ କୋଭିଡ -୧୯ରୁ ସୁସ୍ଥ ହେବା ଦିଗରେ ଦିଲ୍ଲୀ ଏକ ଭଲ ସ୍ତରରେ ପହଂଚିଛି । ସେ କହିଛନ୍ତି, ଆମେ ଚାହୁଁନାହୁଁ ଗତ କିଛି ଦିନ ମଧ୍ୟରେ ମିଳିଥିବା ସଫଳତା ହଠାତ୍ ବିଫଳ ହେଉ, ତେଣୁ ଲକ୍ ଡାଉନ୍ ଅବଧି ଆଉ ଏକ ସପ୍ତାହ ପାଇଁ ଅର୍ଥାତ ମେ' ୨୪ ସକାଳ ପାଂଚଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

# କରୋନାରୁ ବଂଚିବା ପାଇଁ ପ୍ରାକୃତିକ ଜୀବନ ଚର୍ଯ୍ୟାକୁ ଗୁରୁତ୍ୱ ଦେଲେ ଯୋଗଗୁରୁ : ସାକାରାତ୍ମକ ଭାବନା ରୋଗ ପ୍ରତିରୋଧକ ଶକ୍ତିର ମୂଳମନ୍ତ୍ର




ବଲାଙ୍ଗିର, (ନିପ୍ର) : କରୋନାକୁ ନେଇ ଲୋକଙ୍କ ମଧ୍ୟରେ ଉପୁଜୁଥିବା ଡର, ଭୟ, ହତାଶ ଭାବନା ହିଁ ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରୁଛି ଏବଂ ଯେକୌଣସି ଛୋଟ ସ୍ୱାଭାବିକ ଲକ୍ଷଣ ଦେଖାଦେଲେ ତାହା ମାରଣାନ୍ତକ ସାବ୍ୟସ୍ତ ହେଉଛି । ଏଣୁ ଆମେ କରୋନା ସମ୍ପର୍କିତ ଅଭାବନୀୟ ଘଟଣା, ଖବର ଠାରୁ ନିଜକୁ ଦୂରରେ ରଖି ସାକାରାତ୍ମକ ଭାବନା ଓ କାର୍ୟକ୍ରମ କଲେ ଆମେ ଏହି ମହାମାରୀ କବଳରୁ ବର୍ତ୍ତି ପାରିବା । ଗତ ଶନିବାର ଦିନ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ମହାଶକ୍ତି ଫାଉଣ୍ଡେସନ ତରଫରୁ ଆୟୋଜିତ ଏକ ଓ୍ୱେବିନାରରେ ଯୋଗଗୁରୁ ଡ.ହାରିଭାଇ ଆର୍ଯ୍ୟନ୍ ଏ ବିଷୟ ପ୍ରକାଶ କରିଛନ୍ତି ।

ସେ କହିଥିଲେ ଯେ, ମଣିଷ କାଳକ୍ରମେ ଆଧୁନିକ ଜୀବନ ଧାରାରେ ପ୍ରଭାବିତ ହୋଇ ନିରୋଗ ଜୀବନ ଚର୍ଯ୍ୟାକୁ ଭୁଲିଯିବା ଦ୍ୱାରା ଏହି ଅବସ୍ଥା ସୃଷ୍ଟି ହେଉଛି । ଆମ ଆଧୁନିକ ସଂସ୍କୃତି ସମ୍ପୂର୍ଣ୍ଣ ରୂପେ କ୍ଷଣସ୍ଥାୟୀ । ଆମ ଚିରସ୍ଥାୟୀ ସର୍ବ ପ୍ରାଚୀନ ବୈଦିକ ପରମ୍ପରା ଓ ସଂସ୍କୃତି ଯଥା ଯୋଗ, ଆୟୁର୍ବେଦ, ପ୍ରାକୃତିକ ଜୀବନ ଯାପନକୁ ପାଳନ କଲେ ଆମେ ସବୁଦିନ ପାଇଁ ସୁସ୍ଥ ହୋଇ ବଂଚି ପାରିବା । ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଯୁଗଳ କିଶୋର ପଟ୍ଟନାୟକ ଓ ଆଂଚଳିକ ମୁଖ୍ୟ ସୀମାଂଚଳ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଓ୍ୱେବିନାରରେ ୩୦୦ରୁ ଉର୍ଦ୍ଧ୍ୱ ଅଂଶ ଗ୍ରହଣକାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟତଃ ବର୍ତ୍ତମାନ ସମୟରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ସମ୍ପର୍କିତ ବିଭିନ୍ନ ପ୍ରାକୃତିକ ଉପାୟ ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ମହାଶକ୍ତିର ତାଲିମ ବିଭାଗର ମୁଖ୍ୟ ବିମଳକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭାବନୀୟ ଘଟଣା : ଜମିବାଡ଼ି ବିବାଦକୁ ନେଇ ଗୋଷ୍ଠୀ ସଙ୍ଘର୍ଷ, ଜଣେ ମୃତ, ୨ ଅଟକ




ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲାରେ ଏକ ଅଭାବନୀୟ ଘଟଣା ଘଟିଥିବା ଖବର ମଳିଛି । ସୂଚନା ଯୋଗ୍ୟ ଯେ, ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ଥାନା କୁମ୍ଭାରୀ ଗ୍ରାମରେ ଗ୍ରାମର ବିଜୟ ରଣା ଓ ଡିଙ୍ଗର ରଣାଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ କେନ୍ଦ୍ର କରି ଶନିବାର ବିଳମ୍ବିତ ରାତି ୯.୩୦ରୁ ୧୦ଟା ସମୟରେ ଭିତରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଗଣ୍ଡଗୋଳ ଭିତରେ ଡିଙ୍ଗର ରଣାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବିଜୟ ରଣାଙ୍କ ପରିବାରର ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି । ତେବେ ଦୀର୍ଘ ଦିନ ହେଲା ଦୁଇ ପରିବାରଙ୍କ ମଧ୍ୟରେ ବାଦ ବିବାଦ ଲାଗି ରହିଥିଲା ବୋଲି ସାଧାରଣରେ ଆଲୋଚନା ହେଉଥିବା ବେଳେ ଏହି ଘଟଣା ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ପରେ ଖବର ପାଇ ସଇଁନ୍ତଲା ଥାନା ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ଏବଂ ଥାନାର କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ୨ ଜଣଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚୁରା କରୁଥିବା ଜଣାପଡିଛି ।

# ପାଟଣାଗଡ଼ର ବରିଷ୍ଠ ସାମ୍ବାଦିକ କୈଳାସ ଚନ୍ଦ୍ର ସାହୁ ଚାଲିଗଲେ : ସାମ୍ବାଦିକ ମହଲରେ ଶୋକ

ପାଟଣାଗଡ଼, (ନିପ୍ର) : ରବିବାର ଭୋର୍ ସମୟରେ ପାଟଣାଗଡ଼ର ବରିଷ୍ଠ ସମ୍ବାଦିକ କୈଳାସ ଚନ୍ଦ୍ର ସାହୁ(୭୫)ଙ୍କ ଦେହାନ୍ତ ହୋଇଯାଇଛି । ସେ କିଛି ଦିନ ତଳେ କରୋନାରେ ପୀଡିତ ହେବାପରେ ଚିକିତ୍ସିତ ହୋଇ ଘରକୁ ଫେରି ଆସିଥିଲେ । କିଂତୁ ବିଧିର ବିଧାନ ଆଗରେ ସବୁକିଛି ତୁଚ୍ଛ ହୋଇଯାଇଛି । ଭୋର୍ ସକାଳ ୫ ଘଂଟା ସମୟରେ ତାଙ୍କ ମୃତ୍ୟୁ ଘଟିଥିବା ଖବର ମିଳିଛି । ଜଣେ ଅମାୟିକ, ପରୋପକାରୀ ବରିଷ୍ଠ ସାମ୍ବାଦିକ ଭାବେ ସେ ପାଟଣାଗଡ଼ ଅଂଚଳରେ ବେଶ୍ ଜଣାଶୁଣା ଥିଲେ ।



ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ସାହୁଙ୍କ ବିୟୋଗରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ହରିନାରାୟଣ ପୂଜାରୀ, ସାଧାରଣ ସଂପାଦକ ବଳରାମ ମିଶ୍ର, ଉପସଭାପତି ଆନନ୍ଦ ଚ଼ନ୍ଦ୍ର ସାହୁ, ସଂଗଠନ ସଂପାଦକ ଶରତ କୁମାର ମିଶ୍ର, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ବେହେରା, ଗୋପବନ୍ଧୁ ଶତପଥୀ ତଥା ଅନ୍ୟ ସଦସ୍ୟମାନେ ଶୋକ ବ୍ୟକ୍ତ କରିଛନ୍ତି ।

ବଲାଙ୍ଗିର ଜିଲ୍ଲା ପାଟଣାଗଡଗଡ ଉପଖଣ୍ଡରେ ପ୍ରଗତିବାଦୀ ଖବରକାଗଜରେ ଦୀର୍ଘ ଦିନ ଧରି କାମ କରିଥିବା ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ସାହୁ(୭୫)ଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ପାଟଣାଗଡ ତଥା ସାରା ବଲାଙ୍ଗିର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।

କୈଳାଶ ବାବୁ ପ୍ରଥମେ ଧରିତ୍ରୀ ଖବରକାଗଜରେ ସାମ୍ବାଦିକତା ଆରମ୍ଭ କରି ପରେ ପ୍ରଗତିବାଦୀରେ ସାମ୍ବାଦିକତା କରୁଥିଲେ । ଅଳ୍ପ କିଛି ମାସ ପୂର୍ବରୁ ସେ ତାଙ୍କ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ । ତାଙ୍କ ମୃତ୍ୟୁରେ ବଲାଙ୍ଗିର ସାମ୍ବାଦିକ ଜଗତରେ ଏକ ଅପୂରଣୀୟ କ୍ଷତି ବୋଲି ସାମ୍ବାଦିକ ମହଲରେ କୁହାଯାଉଛି । କୈଳାସ ବାବୁ ପାଟଣାଗଡ ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ରହିଥିବା ବେଳେ ପୂର୍ବରୁ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର ଭାରପ୍ରାପ୍ତ ସଭାପତି ମଧ୍ୟ ରହିଥିଲେ । ତାଙ୍କ ବିୟୋଗରେ ପ୍ରଗତିବାଦୀର ପ୍ରକାଶକ ଶିବପ୍ରସାଦ ବିଶ୍ୱାଳ, କଳାହାଣ୍ଡି ଜୋନ ଡିଜିଏମ କମ୍ବୁପାଣି ମିଶ୍ର, ପ୍ରଗତିବାଦୀର ଜିଲ୍ଲା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସମସ୍ତ ବ୍ଲକ ପ୍ରତିନିଧି, ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂଦେଓ, ପୂର୍ବତନମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ବଲାଙ୍ଗିର ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ବଲାଙ୍ଗିର ଓୟୁଜେର ସଭାପତି ଦୀପକ ସାମାଦାର, ସଂପାଦକ ପ୍ରଦୀପ୍ତ ମିଶ୍ର, ପ୍ରେସକ୍ଲବର ସଭାପତି ଅରୁଣ ମିଶ୍ର, ବରିଷ୍ଠ ସାମ୍ବାଦିକ ସତ୍ୟସୁନ୍ଦର ଭଞ୍ଜ, ମନରଂଜନ ଯୋଷୀ, ରଂଜିତ ବେହେରା, ରତରାଜ ସିଂ, ସଦାଶିବ ସରାଫ, ନବୀନ ପଶାୟତ, ଘଟେଶ୍ୱର ମିଶ୍ର, ଜ୍ୟୋସ୍ନା ଦାଶ, ସୁଧୀର ମିଶ୍ର, ଶରତ ମହାକୁର, ଲକ୍ଷ୍ମୀକାନ୍ତ ମିଶ୍ର, ବଂଶୀଧର ସେଠ, ବୀରେନ୍ଦ୍ର ଝାଙ୍କର, ସୁନୀଲ ମହାନ୍ତି, ବିଶ୍ୱଜିତ ଦାଶ, ଶିଶିର ଶତପଥୀ, ଦୀପକ ପୁରୋହିତ, ଦେବାଶିଷ ମିଶ୍ର, ପ୍ରଶାନ୍ତ ମହାକୁର, ଗୁରୁଦୟାଲ ହଂସ, ବିମଳେନ୍ଦୁ ସାହୁ, ଶ୍ୟାମପ୍ରସାଦ ଗୁରୁ, ଶ୍ୟାମସୁନ୍ଦର ମେହେର, ଅଜିତ ସାହୁ, ଅଶୋକ ବିଶି, ହୁଲେଶ୍ୱର ହଂସ, ଦୀପକ ମିଶ୍ର, ଗୋରେଖନାଥ ବରିହା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ଅକ୍ଷୟ ତୃତୀୟା ପାଳନ ଅବସରରେ ଗ୍ରାମାଂଚଳରେ ସମନ୍ୱିତ କୃଷିର ରୂପାନ୍ତରିତ କାର୍ଯ୍ୟକ୍ରମର ସମୀକ୍ଷା

ବ୍ରହ୍ମପୁର, (ନିପ୍ର) : ଚାଷୀର ଜୀବିକାକୁ ଆଦର୍ଶ କୃଷି ଉଦ୍ୟୋଗରେ ପରିଣତ କରିବା ଲକ୍ଷ୍ୟ ନେଇ ଗ୍ରାମାଂଚଳରେ କୃଷିର ରପାନ୍ତରିତ 'ତାରା' ଉପରେ ସମୀକ୍ଷା ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଶନିବାର ପୂର୍ବାହ୍ନରେ ଭିଡିଓ କନଫରେନ୍ସିଂ ଜରିଆରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୃଷି ଅଧିକାରୀ, ପ୍ରାଣୀ ସମ୍ପଦ ଅଧିକାରୀ, ମତ୍ସ୍ୟ ଅଧିକାରୀମାନଙ୍କୁ ନେଇ 'ତାରା'ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରଶାସନ ପ୍ରେରଣାରେ ଦୁଇ ବର୍ଷତଳେ କୃଷି, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମତ୍ସ୍ୟ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଭାଗର ବୈଷୟିକ ଓ ସରକାରୀ କାର୍ଯ୍ୟକ୍ରମର ସମନ୍ୱୟରେ ଆରମ୍ଭ କରାଯାଇଥିଲା ।



ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ କୃଷି ତଥା କୃଷକର ଉନ୍ନତି ପାଇଁ 'ତାରା' କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାରେ ଗତ ଦୁଇ ବର୍ଷ ତଳେ ଆରମ୍ଭ କରାଯାଇଥିଲା । ବୈଠକରେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍‌ଯୋଗ ଯୋଜନା, ସୌର ଜଳ ନିଧି ଯୋଜନା, ବଳରାମ ଯୋଜନା, କୃଷି ଋଣ, ବିହନ ଓ ସାରର ସୁଷମ ବଂଟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । କରୋନା ସମୟରେ କୃଷିର ମୁଖ୍ୟ ଭୂମିକା ରହିଛି । ଖରିଫ୍ ଚାଷ ନିମନ୍ତେ ଉତ୍ତମ ବିହନ ଓ ସାର, ପିଡିଆ ଯେପରି କୃଷକ ମାନେ ସହଜରେ ପାଇ ପାରିବେ ତା' ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

ଗ୍ରାମାଂଚଳରେ ଧାନ ଚାଷ ସହ ଯେପରି ଅନ୍ୟାନ୍ୟ କୃଷି କରି କୃଷକ ଯେପରି ଲାଭବାନ୍ ହୋଇପାରିବ ତା' ଉପରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ କୃଷି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜୀବିକା ନିର୍ବାହୀ କୃଷିକୁ ବ୍ୟାବସାୟୀକ କୃଷିରେ ପରିଣତ କରିବା, ସମନ୍ୱିତ କୃଷି ଓ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର କରିବା, ଜମି ଓ ଜଳର ସୁବିନିଯୋଗ ନିମନ୍ତେ ଜୈବିକ କୃଷି ଓ ଆଧୁନିକ ଜଳସେଚନ ଉପକରଣର ବ୍ୟବହାର, ଚାଷୀକୁ କୃଷି ଉଦ୍ୟୋଗୀ କରିବା ଓ ଉତ୍ପାଦନକୁ ବଜାର ସଂଯୋଗୀକରଣ କରିବା, ଚାଷୀଙ୍କୁ ଗୋଟିଏ ସ୍ଥାନରୁ ଆବଶ୍ୟକ ସମସ୍ତ ସାମଗ୍ରୀ ଉପଲବ୍ଧ କରାଇବା ଏହି 'ତାରା' କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ପଶୁଖାଦ୍ୟ ଚାଷ ନିମନ୍ତେ ୮୬୪.୪୦ ଏକର ଅନୁମୋଦିତ ହୋଇଥିବା ବେଳେ ୧୨୩୭ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି । ଜିଲ୍ଲାରେ ୩୬୯୧ଟି ଡଗ୍ ୱେଲ୍ ପାଇଁ ମଞ୍ଜୁରି ମିଳିଥିବା ବେଳେ ୩୬୬ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସ୍ଥଳେ ଆଉ ୯୫୯ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି । ସେହିପରି ଗାଈ ଗୁହାଳ ୧୬୧୬୭ଟି ମଞ୍ଜୁରପ୍ରାପ୍ତ ହୋଇଥିବା ବେଳେ ୧୧୨୪ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଅବଶିଷ୍ଟ କାର୍ଯ୍ୟ ଚାଲୁ ରହିଛି । ଜିଲ୍ଲାରେ ସମୁଦାୟ ୬୧୩୬୮୮ଟି ଜବ୍ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୪୧୧୧୯୧ଟି ଜବ୍ କାର୍ଡକୁ ଆକ୍ଟିଭ୍ କରାଯାଇଛି ଏବଂ ୭୮୪୪ଟି ନୂତନ ଜବ କାର୍ଡ ପ୍ରଦାନ କରାଯାଇଛି । ଯେତେ ଭାଗ ଚାଷୀ ଅଛନ୍ତି ବଳରାମ ଯୋଜନାରେ ଶତକଡା ୮୦ ଭାଗ ଚାଷୀଙ୍କୁ ସାମିଲ୍ କରିବା ପାଇଁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଖରିଫ୍ ଚାଷ ବେଳେ ଚାଷୀ ଯେପରି ସୁବିଧାରେ ବ୍ୟାଙ୍କରୁ ଋଣ ପାଇ ପାରିବ ଏବଂ ଉନ୍ନତ ମାନର ବିହନ ଓ ସାର ପାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସୌର ଜଳ ନିଧି ଯୋଜନା, ବଳରାମ ଯୋଜନା ଆଦିକୁ ତ୍ୱରାନ୍ୱିତ କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧ ? ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦୁର୍ଯ୍ୟୋଧନ ପତଙ୍ଗ, ଡି.ଆର୍.ସି.ସି. ବିଶ୍ୱ ରଞ୍ଜନ ଦାଶଙ୍କ ସମେତ ବିଭିନ୍ନ ବ୍ଲକର କୃଷି ଅଧିକାରୀ, ବ୍ୟାଙ୍କର୍ସ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ମାକ୍ସ ପିନ୍ଧି ଅକ୍ଷୀ ମୁଠି ଛୁଇଁଲେ ଚାଷୀ : ପରମ୍ପରା ସୁରକ୍ଷା ପାଇଁ ଆଗେଇ ଆସିଲେ ସୌମେନ୍ଦ୍ର

ବଲାଙ୍ଗିର, (ନିପ୍ର) : କରୋନା ଯୋଗୁଁ ଫିକା ପଡିଛି ଚାଷ ଅନୁକୂଳର ଆରମ୍ଭ ପର୍ବ ଅକ୍ଷୟ ତୃତୀୟା । ସରକାରୀ ଭାବେ ଜିଲା ପ୍ରଶାସନ ଦ୍ୱାରା ଏହାକୁ ବାତିଲ କରାଯାଇଥିବା ବେଳେ କେତେକ ସ୍ଥାନରେ ଏହାକୁ ଚାଷୀମାନେ ପାଳନ କରିଛନ୍ତି । ଚାଷୀ ନେତା ତଥା ଜିଲା କୃଷକ ମହାସଂଘର ସଭାପତି ଡା.ସୁଧୀର ପରିଚ୍ଛା ପ୍ରତିବର୍ଷ ସଦର ବ୍ଲକ ଅନ୍ତର୍ଗତ କୌଣସି ନା କୌଣସି ଗାଁରେ ଚାଷୀର ଏହି ପର୍ବକୁ ଆୟୋଜନ କରିଥାନ୍ତି । ଗତ ବର୍ଷ କରୋନାରେ ଆକ୍ରାନ୍ତ ହେବା ପରେ ସ୍ୱାସ୍ଥ୍ୟଗତ କାରଣାରୁ ଏଥର ସେ ଆୟୋଜନ କରିପାରି ନଥିଲେ । କିନ୍ତୁ ଦୀର୍ଘ ବର୍ଷ ଧରି ଚାଲି ଆସିଥିବା ପରମ୍ପରାକୁ ବଂଚାଇ ରଖିବାକୁ ଯାଇ ତାଙ୍କ ଭାଇ ସୌମେନ୍ଦ୍ର ପରିଚ୍ଛା ଓରଫ ଚଗଲା ଏଥର ଅଂଟା ଭିଡିଛନ୍ତି । ନିଜ ଗାଁ ମାଟି ସଦର ବ୍ଲକ ଅନ୍ତର୍ଗତ ଜନକପୁର ଠାରେ ସେ ଅକ୍ଷୟ ତୃତୀୟା ଆୟୋଜନ କରିଥିଲେ । କରୋନା କଟକଣାକୁ ଆଖି ଆଗରେ ରଖି ସାମାଜିକ ଦୂରତାକୁ ସୁନିଶ୍ଚିତ କରିବା ସହ ମାକ୍ସ ପରିଧାନ କରି ଚାଷ ଜମିରେ ହଲ ଲଙ୍ଗଳ କରି ଧାନ ବୁଣିଥିଲେ । ଗାଁରେ ବିଧି ଓ ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ଆଜି ଅକ୍ଷୟ ତୃତୀୟ ପାଳନ କରାଯାଇଥିଲେ ହେଁ ଚାଷୀମାନଙ୍କ ମନରେ ସେତେଟା ଉଲ୍ଲାସ ଦେଖିବାକୁ ମିଳିନଥିଲା । ସକାଳୁ ସକାଳୁ ଗାଁର କିଛି ଚାଷୀଙ୍କୁ ନେଇ ଚାଷୀମାନଙ୍କ ପର୍ବକୁ ପାଳନ କରାଯାଇଥିଲା । ପ୍ରଥମେ ଗ୍ରାମ୍ୟ ଦେବୀଙ୍କ ଠାରେ ଭୋଗ ଲାଗି ହେବା ପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଗାଁର ଚାଷୀ ପୀତାମ୍ବର ବିଶି, ନୀଳକଣ୍ଠ ଭୋଇ ପଶ୍ଚିମ ଓଡିଶାର ପ୍ରସିଦ୍ଧ 'ରାମ ଯେ ଲଇଖନ ହୋ, ଦୁଇ ଭାଇ....' ହଲିଆ ଗୀତ ଗାଇଥିବା ବେଳେ ଗ୍ରାମ୍ୟଦେବୀଙ୍କୁ ପ୍ରଥମେ ଧାନ ବୁଣିବା ପାଇଁ ଆଦେଶ ମଗାଯାଇଥିଲା । ଏହା ପରେ ଘରୁ ଧାନ ବାହାର କରାଯିବାର ବିଧି ଶେଷ ହେଲା ପରେ ଚାଷୀମାନେ ହଲ ଲଙ୍ଗଳ ଧରି ଚାଷ ଜମି ଅଭିମୁଖେ ଯାଇଥିଲେ । କରୋନା ଯୋଗୁଁ ଚାଷୀମାନେ ନିଜ ନିଜ ଭିତରେ ସଚେତନ ହୋଇ ସାମାଜିକ ଦୂରତ୍ୱ, ମାକ୍ସ ପିନ୍ଧି ଅକ୍ଷୀ ମୁଠି ଧରିଥିଲେ । ଗାଁର ଚାଷୀ ବେଣୁଧର ବିଶି, ବିନୋଦ କୁମାର ରାଉତ, ପଂଚାନନ ବିଶି, ବିଷ୍ଣୁ ବିଶି, ବସନ୍ତ ରାଉତ, ହେମନ୍ତ ରାଉତ, ନେପାଳ ବିଶି, ବୀଣା ରାଉତ, ଲଙ୍ଗରାଜ ରାଉତ ହଲ ଧରିଥିଲେ । ଆଗାମୀ ଦିନରେ ଚାଷ ଠିକରେ ବର୍ଷା ହେବା ସହ ପାଣିପାଗ ଠିକରେ ରହୁ ବୋଲି ଗୀତ ବୋଲିବା ସହ ଇନ୍ଦ୍ରଦେବତାଙ୍କୁ ବର୍ଷା ଜଳ ଭିକ୍ଷା କରିଥିଲେ । ଚାଷୀମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କରୋନା ସମୟରେ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗେଇ ଦେବାକୁ ଶ୍ରୀ ପରିଚ୍ଛା ଦାବୀ କରିଛନ୍ତି ।



# ଶିକ୍ଷାଦାନ ପ୍ରତି ସମର୍ପିତ 'ସିଏନ୍‌ସି' : ଉତ୍ତମ ଛାତ୍ରଛାତ୍ରୀ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ













ବଲାଙ୍ଗିର, (କେପିଏନଏସ) : ଉଚ୍ଚାଙ୍ଗ ଶିକ୍ଷା ପ୍ରଦାନ ପାଇଁ ସର୍ବଦା ଅଙ୍ଗୀକାରବଦ୍ଧ ସିଏନ୍‌ସି । ଛାତ୍ରଠଛାତ୍ରୀଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରି ସେମାନଙ୍କୁ ସମୃଦ୍ଧ ଶୀର୍ଷରେ ପହଂଚାଇବା ହିଁ ସିଏନ୍‌ସିର ଲକ୍ଷ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଶିକ୍ଷାଦାନର ବଳିଷ୍ଠ ପଦକ୍ଷେପ ଯୋଗୁଁ ଆଜି ପର୍ଯ୍ୟନ୍ତ ୪ ଜଣ ଛାତ୍ର ଚାଟାର୍ଡ଼ ଏକାଉଣ୍ଟେଣ୍ଟ ହେବାରେ ସଫଳ ହୋଇ ପାରିଥିବା ବେଳେ ଦୁଇ ଜଣ ସିଏମ୍‌ଏ.ରେ କୃତକାର୍ଯ୍ୟ ହୋଇ ମହାବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି ।

ସାରା ବିଶ୍ୱରେ ଏବେ ମହାମାରୀ କରୋନା ତା'ର କାୟା ବସ୍ତାର କରି ଚାଲିଛି । ଆମ ଅଂଚଳ ବି ଏଥିରୁ ବାଦ୍ ପଡ଼ିନାହିଁ । ସାରା ଦେଶରେ ଶିକ୍ଷା ବ୍ୟବସ୍ଥା ଏଭଳି ମହାମାରୀ ସମୟରେ ଅର୍ଦ୍ଧାଧିକ ପରିମାଣରେ ଭୁଷୁଡ଼ି ପଡ଼ିଛି । ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ ସାମ୍ନାରେ କରୋନା ପ୍ରତିବନ୍ଧକ ହୋଇ ଠିଆ ହୋଇଛି । କିନ୍ତୁ ଏଭଳି ପରିସ୍ଥିତିରେ ମଧ୍ୟ ସିଏନ୍‌ସି ମହାବିଦ୍ୟାଳୟ ତା'ର ଦାୟିତ୍ୱ ତୁଲାଇବାରେ ଟିକିଏ ବି ଅବହେଳା କରିନାହିଁ । କରୋନା ଗାଇଡ ଲାଇନ୍ ଅନୁସାରେ ଛାତ୍ରଛାତ୍ରୀଙ୍କ ମହାବିଦ୍ୟାଳୟକୁ ଆସିବା ବନ୍ଦ ହୋଇଯାଇଥିଲେ ସୁଦ୍ଧା ଅନ୍‌ଲାଇନ୍ କ୍ଲାସ୍ ରୀତିମତ ଚାଲିଛି । କ୍ଲାସ୍ ରୁମ୍‌ରେ ପିଲାମାନେ ଯେଭଳି ଶିକ୍ଷା ଗ୍ରହଣ କରନ୍ତି, ସେଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି ଅନ୍‌ଲାଇନ୍ ଶିକ୍ଷାଦାନରେ ମଧ୍ୟ । କୁହାଯାଇଛି, ଏଭଳି ବିପତ୍ତି କାଳରେ ବି ପିଲାମାନଙ୍କ ପାଠ ପଢ଼ାରେ ସାମାନ୍ୟ ମଧ୍ୟ ବ୍ୟାହାତ ହୋଇନାହିଁ । ଛାତ୍ରଛାତ୍ରୀମାନଙ୍କୁ ପୂର୍ବବତ୍ ଉଚ୍ଚାଙ୍ଗ ଶିକ୍ଷା ପ୍ରଦାନ କରୁଛି ସିଏନ୍‌ସି ।

ଶିକ୍ଷାଦାନ ପ୍ରତି ସମର୍ପିତ ସିଏନ୍‌ଏସି ମହାବିଦ୍ୟାଳୟ ଉତ୍ତମ ଛାତ୍ରଛାତ୍ରୀ ଗଢ଼ି ତୋଳିବାରେ ସଂକଳ୍ପବଦ୍ଧ ହୋଇ ରହିଆସିଛି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତାର କର୍ତ୍ତବ୍ୟ ପ୍ରତି ନିଷ୍ଠାପର ଯୋଗଦାନ ନିଶ୍ଚୟ ଛାତ୍ରଛାତ୍ରୀଙ୍କ ପାଇଁ ଶୁଭଙ୍କର, ଏଥିରେ ଦ୍ୱିମତ ନାହିଁ ।

ଓଡ଼ିଶାର ଗର୍ବ ଓ ଗୌରବ ସିଏନ୍‌ସି ବାଣିଜ୍ୟ ମହାବିଦ୍ୟାଳୟ । ଶିକ୍ଷା ପ୍ରଦାନର ଉଚ୍ଚକୋଟୀର ଭିତ୍ତିଭୂମି ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଅମାପ ସଦିଚ୍ଛା ଦେଖିବାକୁ ମିଳେ ଏହି ମହାବିଦ୍ୟାଳୟରେ । ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଶାଶ୍ୱତ ନିଷ୍ଠା ଯୋଗୁଁ ତ' ସାରା ଓଡ଼ିଶାରେ ସଂପୃକ୍ତ ମହାବିଦ୍ୟାଳୟ ବେଶ୍ ସୁନାମ ଅର୍ଜନ କରିବା ଦିଗରେ ସଫଳ ହୋଇପାରିଛି । ସୁଦକ୍ଷ ଅଧ୍ୟାପକ ଅଧ୍ୟାପିକା, ସମର୍ପଣ ଭାବ ସଂପନ୍ନ ଏହାର କର୍ମଚାରୀବୃନ୍ଦଙ୍କ ମଧ୍ୟ ବିଶେଷ ଯୋଗଦାନ ରହିଛି ଏହି ସଫଳତା ପଛରେ ।

ଏହି ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଖୁବ୍ ଉତ୍ସାହ ତଥା ଦୃଢ଼ତାର ସହ କୁହନ୍ତି, ଆଗାମୀ ସମୟରେ ସିଏନ୍‌ସି ଜାତୀୟ ସ୍ତରରେ ଏକ ଉତ୍ତମ ମହାବିଦ୍ୟାଳୟ ଭାବେ ନିଜର ସାମର୍ଥ୍ୟ ପ୍ରତିପାଦନ କରିବ । ଏଥିପାଇଁ ଆମେ ଆପ୍ରାଣ ଚେଷ୍ଟା ଜାରି ରଖିଛୁ । ଏହା ହିଁ ଆମର ଲକ୍ଷ୍ୟ ।

ଏଠାରେ ସୂଚନାଯୋଗ୍ୟ ଯେ, ପ୍ରଗାଢ଼ ଆତ୍ମବିଶ୍ୱାସକୁ ପୁଞ୍ଜି କରି ମାତ୍ର ୧୧ ବର୍ଷ ତଳେ ଆରମ୍ଭ ହୋଇଥିଲା ଏହି ଗୌରବମୟ ମହାବିଦ୍ୟାଳୟ 'ସିଏନ୍‌ସି' । ସେହି ବଳିଷ୍ଠ ଆତ୍ମବିଶ୍ୱାସ ଆଜି ସଫଳତାର ଶୀର୍ଷରେ ପହଂଚାଇ ପାରିଛି ସଂପୃକ୍ତ ଶିକ୍ଷାନୁଷ୍ଠାନକୁ । ଏଇ ମାତ୍ର କିଛି ବର୍ଷ ମଧ୍ୟରେ ଯୁକ୍ତ ଦୁଇ ସ୍ତରରେ ୧୪ ଜଣ ଷ୍ଟେଟ୍ ଟପ୍ପର୍ ଏବଂ ଯୁକ୍ତ ତିନି ସ୍ତରରେ ୭ ଜଣ ସମ୍ବଲପୁର ୟୁନିଭରସିଟି ଟପ୍ପର ଶିକ୍ଷାର୍ଥୀ ପ୍ରଦାନ କରିବା ଗୌରବରେ ଗୌରବାନ୍ୱିତ 'ସିଏନ୍‌ସି' । କେବଳ ସେତିକି ନୁହେଁ, ଗତ ୨୦୧୮-୧୯ ଶିକ୍ଷା ବର୍ଷରେ ଏହି ମହାବିଦ୍ୟାଳୟର ନେନ୍‌ସୀ ପୁରୋହିତ ବେଷ୍ଟ ଗ୍ରାଜୁଏଟ୍ ଭାବରେ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ବେଷ୍ଟ ଗ୍ରାଜୁଏଟ୍ ଗୋଲ୍‌ଡ଼ ମେଡ଼ାଲ ପାଇଥିଲେ; ଯାହା ଆମ ମାଟି ପାଇଁ ଅତ୍ୟନ୍ତ ମର୍ଯ୍ୟାଦା ସଂପନ୍ନ ଅଧ୍ୟାୟ ।

ମାତ୍ର ୧୧ ବର୍ଷ ମଧ୍ୟରେ ସିଏନ୍‌ସିର ୪୭ ଜଣ ଛାତ୍ରଛାତ୍ରୀ ସିଏ ଅଲ୍ ଇଣ୍ଡିଆ ଏନ୍‌ଟ୍ରାନ୍ସ ଏକ୍‌ଜାମିନେସନ୍ ଓ ସିଏମ୍‌ଏ ଅଲ୍ ଇଣ୍ଡିଆ ଏନ୍‌ଟ୍ରାନ୍ସ ଏକ୍‌ଜାମିନେସନ୍‌ରେ କୃତକାର୍ଯ୍ୟ ହୋଇଥିବା ବେଳେ ଗତବର୍ଷ ସେଫାଳୀ ଜୈନ ସିଏ ଅଲ୍ ଇଣ୍ଡିଆ ଏନ୍‌ଟ୍ରାନ୍ସ ଏକ୍‌ଜାମିନେସନ୍‌ରେ ୪୮ ର୍‍ୟାଙ୍କ୍ ରଖି ସିଏନ୍‌ସିକୁ ଗୌରବାନ୍ୱିତ କରିଥିଲେ ।

ସବୁଠାରୁ ବଡ଼ ଖୁସିର କଥା ଯେ, ଆରମ୍ଭ ଦିନଠୁ ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରି ପାରିଛନ୍ତି । ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପୁଣି ଫାଷ୍ଟ କ୍ଲାସ୍ ନେଇ ପାସ୍ କରନ୍ତି । ପୁଣି ଓଡ଼ିଶାରେ ଏହି ମହାବିଦ୍ୟାଳୟରୁ ସର୍ବୋଚ୍ଚ ସଂଖ୍ୟାର ଛାତ୍ରଛାତ୍ରୀ ଉତ୍ତମ ଛାତ୍ରଛାତ୍ରୀ ଭାବେ ବିବେଚିତ ହୋଇ ସରକାରଙ୍କ ପକ୍ଷରୁ ଲାପଟପ୍ ପାଇଥାନ୍ତି । ଆହୁରି ଆନନ୍ଦର ବିଷୟ, ସିଏନ୍‌ସିରୁ ଦୁଇ ଜଣ କରନ ଅଗ୍ରୱାଲ ଏବଂ ଯୁଗେଶ ଅଗ୍ରୱାଲ ପ୍ରଥମ ଚାଟାର୍ଡ଼ ଏକାଉଣ୍ଟେଣ୍ଟ ହେବାରେ ସଫଳ ହୋଇଥିବା ବେଳେ ଚଳିତ ବର୍ଷ ଆଉ ୨ ଜଣ ଛାତ୍ର ଅଜିତ କରନ୍ ଓ ସଚିନ ଅଗ୍ରୱାଲ ଚାଟାର୍ଡ଼ ଏକାଉଣ୍ଟେଣ୍ଟ ହୋଇଛନ୍ତି । ଏହା ଆମ ମାଟି ପାଇଁ କମ୍ ଗର୍ବର କଥା ନୁହେଁ ।

ସିଏନ୍‌ସି.ର ସଫଳତା ଉପରେ ଦୃଷ୍ଟିଦେଲେ ବେଶ୍ ଉତ୍ସାହ ମିଳେ । ୨୦୨୦ରେ ଜାତୀୟ ସ୍ତରରେ କ୍ରାଇଷ୍ଟ ୟୁନିଭରସିଟି (ବେଙ୍ଗଲୋର)ରେ ଏହି ମହାବିଦ୍ୟାଳୟର ୬ ଜଣ ଛାତ୍ର ବିକମ୍ ଓ ବିବିଏ ପାଇଁ ଯୋଗ୍ୟ ବିବେଚିତ ହୋଇ ଓଡ଼ିଶା ପାଇଁ ଗୌରବ ଆଣି ଦେଇଛନ୍ତି । ୨୦୨୦ରେ ଏମ୍‌ବିଏ ନିମନ୍ତେ ଜେଭିଅର ଇଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଂଟ(ଭୁବନେଶ୍ୱର)ରେ ଏହି ମହାବିଦ୍ୟାଳୟ ଯୋଗ୍ୟତା ହାସଲ କରିବାରରେ ସମର୍ଥ ହୋଇପାରିଛି । ଇଷ୍ଟିଚ୍ୟୁଟ ଅଫ ଚାଟାର୍ଡ଼ ଏକାଉଣ୍ଟେଣ୍ଟସ୍, ଇଣ୍ଡିଆ ପକ୍ଷରୁ ଅନୁଷ୍ଠିତ ନ୍ୟାସନାଲ୍ ଲେବେଲ କୁଇଜ୍ କଂପିଟିସନ୍‌ରେ ଓଡ଼ିଶାରୁ ୭ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଯୋଗ୍ୟତମଙ୍କ ମଧ୍ୟରେ ସିଏନ୍‌ସି.ରୁ ୩ ଜଣ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି । ଗତ ତିନି ବର୍ଷ ମଧ୍ୟରେ ସିଏନ୍‌ସି.ରୁ ୫ ଜଣ ଛାତ୍ରଛାତ୍ରୀ ଆଇଆଇଏମ୍, ବେଙ୍ଗଲୋରରେ ନ୍ୟାସନାଲ ଲେବେଲ ବିଜନେସ ଆଇଡ଼ିଆ କଂପିଟିସନ୍‌ରେ ଭାଗ ନେବା ପାଇଁ ମନୋନୀତ ହୋଇ ପାରିଛନ୍ତି । ୨୦୧୧ ମସିହାଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ସାଧାରଣତନ୍ତ୍ର ଦିବସ (ଜାନୁଆରୀ ୨୬) ଅବସରରେ ସିଏନ୍‌ସି.ର ଛାତ୍ରଛାତ୍ରୀମାନେ ସର୍ବୋତ୍ତମ ଶିକ୍ଷାର୍ଥୀ ଭାବେ ପୁରସ୍କୃତ ହୋଇ ଆସୁଛନ୍ତି ।

ତେବେ ଶିକ୍ଷାଦାନ କ୍ଷେତ୍ରରେ ସିଏନ୍‌ସି ଯେମିତି ଦୃଢ଼ ପ୍ରଚେଷ୍ଟା ବଳରେ ଯଥୋଚିତ ସଫଳତା ପ୍ରାପ୍ତ ହୋଇପାରିଛି, ସେଭଳି ଅତିରିକ୍ତ ପାଠ୍ୟକ୍ରମ ଗତିବିଧି (ଏକ୍‌ଷ୍ଟ୍ରା କରିକୁଲାର୍ ଏକ୍‌ଟିଭିଟି) କ୍ଷେତ୍ରରେ ମଧ୍ୟ ପିଲାଙ୍କ ମଧ୍ୟରେ ବିଶେଷ ରୁଚି ସୃଷ୍ଟି କରି ପାରିଛି । ଜାତୀୟ ତଥା ଆନ୍ତର୍ଜାତୀୟ କର୍ପୋରେଟ ଲିଡ଼ର୍, ଶିକ୍ଷାବିଦ୍ ତଥା ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ସିଏନ୍‌ସି ପକ୍ଷରୁ ଆମନ୍ତ୍ରଣ କରାଯାଇ ସେମିନାର ଆୟୋଜନ ପୂର୍ବକ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ଭାବ ବିନିମୟ କରାଇବା ଭଳି ମହାନ୍ କ୍ଷେତ୍ର ପ୍ରସ୍ତୁତ କରା ଯାଇଥାଏ । ମହାବିଦ୍ୟାଳୟ ଆରମ୍ଭ ହେବା ଦିନଠାରୁ ଏଇ ୧୧ ବର୍ଷ ମଧ୍ୟରେ ଶତାଧିକ ଏଭଳି ବ୍ୟକ୍ତିତ୍ୱ ସିଏନ୍‌ସି.ରେ ପଦାର୍ପଣ କରି ସାରିଛନ୍ତି । ପ୍ରାୟତଃ ବିଭିନ୍ନ ସମୟରେ ଅନେକ ଗୁଡ଼ାଏ କାର୍ଯ୍ୟକ୍ରମ ସିଏନ୍‌ସି.ରେ ଜାରି ରହୁଥିବା ବେଳେ ପ୍ରତିବର୍ଷ ମୁଖ୍ୟତଃ ଫୁଡ୍ ଫେଷ୍ଟିଭାଲ୍, ୟୁଥ୍ ପାର୍ଲାମେଣ୍ଟ, ବିଜନେସ୍ କୁଇଜ୍, ଇଣ୍ଡିପେଣ୍ଡେନ୍‌ସ୍ ଡେ' ଡିବେଟ୍ କଂପିଟିସନ୍ ଆୟୋଜନରେ ଛାତ୍ରଛାତ୍ରୀମାନେ ବିଶେଷ ଉତ୍ସାହିତ ହୋଇଥାନ୍ତି । କ୍ରୀଡ଼ା କ୍ଷେତ୍ରକୁ ମଧ୍ୟ ବଳିଷ୍ଠତାର ସହ ଗ୍ରହଣ କରାଯାଇ ଏଥ୍‌ଲେଟିକ୍‌ସ୍ ମିଟ୍, କ୍ରିକେଟ୍, ବେଡ୍‌ମିଣ୍ଟନ କଂପିଟିସନ୍‌ର ଆୟୋଜନ କରାଯାଏ ମହାବିଦ୍ୟାଳୟରେ । ସିଏନ୍‌ସି କଲେଜରେ ଏନଏସଏସ, ସ୍କାଉଟ, ଲିଓ କ୍ଲବ ଭଳି ସୋସିଆଲ କ୍ଲବ ମଧ୍ୟ ରହିଛି । ପୂର୍ବରୁ ଦୁଇଟି ସୋସିଆଲ କ୍ଲବ ରହିଥିବା ବେଳେ ବର୍ତ୍ତମାନ ସ୍କାଉଟ ଏଥିରେ ଯୋଡ଼ି ହୋଇଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଏବେ ମହାବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ୍ ମଧ୍ୟ ପ୍ରସ୍ତୁତ ହୋଇ ସାରିଛି । ଯେକେହି ବି କ୍ୟାମ୍ପସ୍ ଦେଖିଲେ ଖୁସି ହୋଇଯିବେ । ୟୁରୋପିଆନ ଷ୍ଟ୍ରକ୍‌ଚର୍ ଅନୁସରଣରେ ଏହା ନିର୍ମିତ । ଏହା ଏକ 'ଗ୍ରୀନ୍ ଏଣ୍ଡ୍ ପିପୁଲ୍‌ସ୍ ଫ୍ରେଣ୍ଡ୍‌ଲି' କ୍ୟାମ୍ପସ୍ ହେବ ବୋଲି କଲେଜ କର୍ତ୍ତୃପକ୍ଷ କୁହନ୍ତି । ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ପୁଣି ଆସନ୍ତା ୩ ବର୍ଷ ମଧ୍ୟରେ କ୍ୟାମ୍ପସ୍‌ରେ ଆଡ୍‌ଭାନ୍ସ ଲାଇବ୍ରେରୀ, ଆଡ଼ିଟୋରିଅମ୍, ଏମ୍‌ପି ଥିଏଟର ତଥା ସ୍ପୋର୍ଟ ପାଇଁ ବାସ୍‌କେଟ୍ ବଲ୍, ଭଲି ବଲ୍, ଟେବୁଲ୍ ଟେନିସ୍, ଫୁଟ୍‌ବଲ୍, କ୍ରିକେଟ ଆଦି ଖେଳ ପାଇଁ ଉଚ୍ଚକୋଟୀର ଭିତ୍ତିଭୂମି ପ୍ରସ୍ତୁତ କରାଯିବ ।

ସର୍ବୋପରି ଏକ ସମ୍ମାନଜନକ ତଥା ସମୃଦ୍ଧ ମହାବିଦ୍ୟାଳୟ ଭାବେ ଜାତୀୟ ସ୍ତରରେ ପହଂଚିବା ଲକ୍ଷ୍ୟ ନେଇ ସିଏନ୍‌ସି କ୍ଷୀପ୍ର ବେଗରେ ଆଗେଇ ଚାଲିଛି ଆଗକୁ ଆଗକୁ । ଏଥିରୁ ନିଛକ ଭାବେ ଅନୁଭବ ହୁଏ, ଉଚ୍ଚାଙ୍ଗ ଶିକ୍ଷା ପ୍ରଦାନରେ ଅଙ୍ଗୀକାରବଦ୍ଧ ସିଏନ୍‌ସି ।

















Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com Koshala prabaha Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu